RNI No.ODIODI/2010/33031
୧୭ ବର୍ଷ Volume-17
ISSUE -159 ସଂଖ୍ୟା-୧୫୯
ଭୁବନେଶ୍ୱର, ଶନିବାର ୦୫ ସେପ୍ଟେମ୍ବର ୨୦୨୬
Bhubaneswar, Saturday 05 September, 2026 ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଚାଷୀଙ୍କୁ ମିଳିଲା ସିଏମ୍-କିଷାନର ଯୋଜନାର ପଞ୍ଚମ କିସ୍ତି

ଭୁବନେଶ୍ୱର,୪।୯(ନି.ପ୍ର.): ପବିତ୍ର ଜନ୍ମାଷ୍ଟମୀ ଓ କୃଷି ଭିତ୍ତିକ ଗଣପର୍ବ 'ନୂଆଁଖାଇ'ର ଅବ୍ୟବହିତ ପୂର୍ବରୁ ରାଜ୍ୟର ଅଗଣିତ ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ। ଆଜି ସ୍ଥାନୀୟ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ସି.ଏମ୍-କିଷାନ୍ ଯୋଜନାର ପଞ୍ଚମ କିସ୍ତି ବାବଦକୁ ରାଜ୍ୟର ୪୧ ଲକ୍ଷ ୩୫ ହଜାର ୯୭୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୩ ହଜାର ୯୪୯ ଭୂମିହୀନ କୃଷି ପରିବାରଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ୮୩୩ କୋଟିରୁ ଅଧିକ ଟଙ୍କାର ସହାୟତା ରାଶି ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହସ୍ତାନ୍ତର କରାଯାଇଛି। ସୂଚନା ଯୋଗ୍ୟଯେ, ୨୦୨୬-୨୭ ରବି ଫସଲ ପୂର୍ବରୁ ବିହନ, ସାର ଓ କୀଟନାଶକ କିଣିବାରେ ଏହି ଅର୍ଥ ଚାଷୀମାନଙ୍କୁ ସହାୟକ ହେବ।

ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ସଦାସର୍ବଦା ଚାଷୀ ଓ ଭୂମିହୀନ ପରିବାରଗୁଡ଼ିକର କଲ୍ୟାଣ ପାଇଁ ପ୍ରତିବଦ୍ଧ। କୃଷକଙ୍କ ସମୃଦ୍ଧି ହିଁ ଓଡ଼ିଶାର ପ୍ରଗତିର ପ୍ରକୃତ ମୂଳଦୁଆ। 'ସି.ଏମ୍ କିଷାନ' ଯୋଜନା ମାଧ୍ୟମରେ ଆମେ କେବଳ ଆର୍ଥିକ ସହାୟତା ପ୍ରଦାନ କରୁନାହୁଁ, ବରଂ ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ସେମାନଙ୍କ ଶ୍ରମକୁ ଉଚିତ ସମ୍ମାନ ଦେଉଛୁ। କୃଷି ସାମଗ୍ରୀ କ୍ରୟଠାରୁ ଆରମ୍ଭ କରି ଆନୁଷଙ୍ଗିକ ଜୀବିକା ଏବଂ ଚାଷୀ ପରିବାରର ପିଲାମାନଙ୍କୁ ଗୁଣାତ୍ମକ ବୈଷୟିକ ଶିକ୍ଷା ଯୋଗାଇଦେବା ପର୍ଯ୍ୟନ୍ତ ଏହି ଯୋଜନା ପ୍ରତ୍ୟେକ ସ୍ତରରେ ସହାୟକ ହେଉଛି।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ସମୃଦ୍ଧ କୃଷକ ଯୋଜନା, ଧାନ ସଂଗ୍ରହ ଓ ବନ୍ୟା କ୍ଷତିପୂରଣ ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରିଛନ୍ତି। ଚଳିତ ୨୦୨୬-୨୭ ଖରିଫ ଋତୁ ପାଇଁ ଧାନ ପଞ୍ଜୀକରଣ ଅବଧିକୁ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ନିକଟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରେ ହୋଇଥିବା ପ୍ରବଳ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କ ପାଇଁ ୧୦୦୦ କୋଟି ଟଙ୍କାର ବିଶେଷ ସହାୟତା ପ୍ୟାକେଜ୍ ଘୋଷଣା କରାଯାଇଛି। ରାଜସ୍ୱ ଓ କୃଷି ବିଭାଗର କ୍ଷେତ୍ର କର୍ମଚାରୀଙ୍କ କ୍ଷତି ଆକଳନ ରିପୋର୍ଟ ଆଧାରରେ ପ୍ରଭାବିତ ଚାଷୀଙ୍କୁ ଆଶୁ କ୍ଷତିପୂରଣ ଯୋଗାଇ ଦିଆଯିବ।

ରାଜ୍ୟରେ କେବଳ ପାରମ୍ପରିକ ଚାଷ ନୁହେଁ, ବିବିଧିକରଣ ହିଁ ଦୁଇଗୁଣ କରିବ ଚାଷୀଙ୍କ ଆୟ ବୋଲି ପ୍ରକାଶ କରି ଆମ ରାଜ୍ୟର ୭୦ ପ୍ରତିଶତରୁ ଅଧିକ ଲୋକ କୃଷି ଉପରେ ନିର୍ଭରଶୀଳ ଥିବାରୁ ଚାଷୀଙ୍କ ବାର୍ଷିକ ଆୟକୁ ଅତିକମରେ ଦୁଇଗୁଣ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି ।




'ସମୃଦ୍ଧ କୃଷକ ଯୋଜନା' ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଗଝଚ ସହ ରାଜ୍ୟର ଇନପୁଟ୍ ସହାୟତା ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ କରାଯାଉଛି ଏବଂ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପଠାଯାଉଛି। ଗତ ୨୦୨୫-୨୬ ଖରିଫ ଋତୁରେ ୧୮.୮୪ ଲକ୍ଷ ଚାଷୀଙ୍କଠାରୁ ୭୭.୪୮ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇ ଇନପୁଟ୍ ସବସିଡି ବାବଦକୁ ରେକର୍ଡ ୫,୬୬୩.୮୪ କୋଟି ଟଙ୍କା ଏବଂ ରବି ଋତୁରେ ୩.୬୩ ଲକ୍ଷ ଚାଷୀଙ୍କୁ ୧,୪୯୪.୮୯ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି।

ଚାଷୀ ପରିବାରର ପିଲାମାନଙ୍କୁ ଉଚ୍ଚ ବୈଷୟିକ ଶିକ୍ଷା କ୍ଷେତ୍ରରେ ସହାୟତା ପାଇଁ 'କୃଷି ବିଦ୍ୟାନିଧି ଯୋଜନା' କାର୍ଯ୍ୟକାରୀ ହେଉଛି। ୨୦୨୫-୨୬ ଶିକ୍ଷା ବର୍ଷରେ ରେକର୍ଡ ସଂଖ୍ୟକ ୬୮,୯୧୦ ଜଣ ହିତାଧିକାରୀଙ୍କ ସନ୍ତାନଙ୍କୁ ୨୯୧.୬୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ସରକାରୀ ସୁବିଧା ପାଇବା ପାଇଁ 'ଫାର୍ମରସ ରେଜିଷ୍ଟ୍ରି' ରେ ଚାଷୀମାନେ ନିଜ ଜମିର ତଥ୍ୟ ସହ ପଞ୍ଜୀକରଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହା ସହିତ ପ୍ରାଣୀପାଳନ, ମାଛଚାଷ, 'ଶ୍ରୀ ଅନ୍ନ ଅଭିଯାନ' (ମାଣ୍ଡିଆ ଚାଷ) ଏବଂ ଜାତୀୟ ଡାଲି ମିଶନ ଉପରେ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି ଏବଂ ଗତବର୍ଷ ରାଜ୍ୟରେ ୪,୮୮୬ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ ୬.୯୨ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଛି ବୋଲି ସେ ପ୍ରକାଶ କରିଥଲେ । ଏଥି ସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରହିଛି। ଅଭିଭାଷଣ ଶେଷରେ ମୁଖ୍ୟମନ୍ତ୍ରୀ ସମସ୍ତ ଚାଷୀ ଭାଇଭଉଣୀଙ୍କୁ ଆଗାମୀ ଗଣପର୍ବ 'ନୂଆଁଖାଇ'ର ଆଗୁଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

ପୂର୍ବ ସରକାରଙ୍କ ଶାସନ କାଳକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରାୟ ଅଢେଇ ଦଶନ୍ଧି ଧରି ରାଜ୍ୟରେ କୃଷକଙ୍କ ମାସିକ ଆୟ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ୨୦୨୨ ମସିହାରେ ଓଡ଼ିଶାର କୃଷି ପରିବାରର ମାସିକ ଆୟ ମାତ୍ର ୫,୧୧୨ ଟଙ୍କା ଥିଲା, ଯାହା ସାରା ଦେଶରେ ଦ୍ୱିତୀୟ ସର୍ବନିମ୍ନ ଥିଲା। କେବଳ ଝାଡ଼ଖଣ୍ଡ ଓଡ଼ିଶା ଠାରୁ ତଳେ ଥିଲା। ସେତେବେଳେ ଚାଷୀମାନେ ଅନ୍ୟ ଉପାୟ ନପାଇ କେବଳ 'ଢୋକେ ପି, ଦଣ୍ଡେ ଜି' ନ୍ୟାୟରେ ଚାଷବାଷ କରୁଥିଲେ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ପରିବର୍ତ୍ତନ ଆସିଛି ବୋଲି ଦୃଢ଼ତାର ସହ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନୂତନ ସରକାର ଆସିବା ପରେ ଧାନ କିଣା ବାବଦକୁ କୁଇଣ୍ଟାଲ ପିଛା ୩,୧୦୦ ଟଙ୍କା ପ୍ରଦାନ କରାଯାଉଛି, ଯାହାଫଳରେ ଚାଷୀଙ୍କ ଆୟରେ ସିଧାସଳଖ ବୃଦ୍ଧି ଘଟିଛି। ସରକାର ଚାଷୀ ପରିବାରର ବାର୍ଷିକ ଆୟକୁ ଅତିକମରେ ଦୁଇଗୁଣ କରିବାକୁ ଲକ୍ଷ୍ୟ ରଖିଛନ୍ତି।ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଓଡ଼ିଶାର ପ୍ରାୟ ୯୨ ପ୍ରତିଶତ ଚାଷୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର । ତେଣୁ ଚାଷୀମାନେ ସରକାରୀ ଯୋଜନାଗୁଡ଼ିକୁ ଆପଣାଇ ନିଜର ଉପାର୍ଜନ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଆଗାମୀ ଆହ୍ୱାନଗୁଡ଼ିକ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା କୃଷି କ୍ଷେତ୍ରରେ ପ୍ରଶଂସନୀୟ ଅଗ୍ରଗତି କରିଥିଲେ ହେଁ ଜଳବାୟୁ ପରିବର୍ତ୍ତନ, ଅନିୟମିତ ପାଣିପାଗ, ଜଳାଭାବ ଏବଂ ମୃତ୍ତିକା କ୍ଷୟ ଭଳି ଗମ୍ଭୀର ସମସ୍ୟା କୃଷି ପାଇଁ ବିପଦ ସୃଷ୍ଟି କରୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ଜୈବିକ ଚାଷ, ମାଣ୍ଡିଆ ଚାଷ ଏବଂ ପୁନରୁଦ୍ଧାରକାରୀ କୃଷି (ଜରଶରଭରକ୍ବବ-ଙ୍ଗସଙ୍ଗର ଇଶକ୍ବସମଙ୍କକ୍ଷଙ୍ଗଙ୍କ୍ବର) କୁ ବ୍ୟାପକ ଭାବେ ପ୍ରୋତ୍ସାହିତ କରାଯାଉଛି।

ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରି କହିଥିଲେ ଯେ, ଚଳିତ ବର୍ଷ ରାଜ୍ୟରେ ଖାଦ୍ୟଶସ୍ୟ, ଫଳ ଓ ପନିପରିବା କ୍ଷେତ୍ରରେ ରେକର୍ଡ ପରିମାଣର ଉତ୍ପାଦନ ହୋଇଛି। ଏପରିକି ଓଡ଼ିଶାରେ ଉତ୍ପାଦିତ କପା ଦେଶର ସର୍ବଶ୍ରେଷ୍ଠ ମାନ୍ୟତାପ୍ରାପ୍ତ 'କସ୍ତୁରୀ କଟନ' ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିଛି। ଏହି ସମସ୍ତ ସଫଳତା ଏବଂ ଐତିହାସିକ ଉପଲବ୍ଧି ପାଇଁ ସେ ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ଆନ୍ତରିକ ଧନ୍ୟବାଦ ଓ ସାଧୁବାଦ ଜଣାଇଥିଲେ।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଚାଷୀଙ୍କୁ ସମ୍ବୋଧନ କରି କହିଥିଲେ ଯେ, ବନ୍ୟା ଅଞ୍ଚଳ ଗୁଡ଼ିକୁ ସରକାରଙ୍କ ଅଧିକାରୀଙ୍କ ସମେତ ମନ୍ତ୍ରୀ ମଣ୍ଡଳ ମଧ୍ୟ ଯାଇ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିଛନ୍ତି। ବନ୍ୟା ପ୍ରପୀଡିତ ଚାଷୀଙ୍କୁ ସରକାରଙ୍କ ତରଫରୁ ସହାୟତା ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଛି। ସମ୍ପୃକ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି। କୌଣସି ବି ଯୋଗ୍ୟ ହିତାଧିକାରୀ ଏହି ପ୍ରକ୍ରିୟାରେ ସହାୟତା ପାଇବାରୁ ବଞ୍ଚିତ ହେବେ ନାହିଁ। ଯେଉଁଥିରେ ଚାଷୀ ନିଜେ ପନିପରିବା ମିନିକିଟ୍ କିଣିବେ ଏବଂ ବିଲ୍ ସରକାରଙ୍କ ପାଖରେ ଦେବେ। ଡିବିଟି ମାଧ୍ୟମରେ ସେହି ଟଙ୍କା ଆପଣଙ୍କ ଆକାଉଣ୍ଟକୁ ପହଂଚି ଯିବ। ଏଥିସହିତ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଥିଲେ ଯେ, ରାଜ୍ୟରେ ପର୍ଯ୍ୟାପ୍ତ ପରିମାଣର ସାର ଉପଲବ୍ଧ ରହିଛି ତେଣୁ କୌଣସି ବି ଭ୍ରମାତ୍ମକ କଥାରେ ବିଶ୍ୱାସ କରନ୍ତୁ ନାହିଁ।

# ୯ ଦିନ ପରେ ତ୍ରିଶୂଳୀ ଟନେଲ୍ ଭିତରୁ ୨ ଶ୍ରମିକ ଜୀବନ୍ତ ଉଦ୍ଧାର

ନୂଆଦିଲ୍ଲୀ,୪।୯(ଏଜେନସି): କଥାରେ ଅଛି 'ରଖେ ହରି ତ ମାରେ କିଏ' । ଏହି କଥା ଏବେ ସତ୍ୟରେ ପ୍ରମାଣିତ ହୋଇଛି । ଜନ୍ମାଷ୍ଟମୀ ଭଳି ଦିନରେ ନେପାଳରେ ଘଟିଛି ଏକ ଅଲୌକିକ ଘଟଣା । ଯେଉଁ ବନ୍ୟା ସବୁ କିଛି ଛାର ଖାର କରିଦେଲା । ସେହି ବନ୍ୟାର ୯ ଦିନ ପରେ ସାରା ବିଶ୍ୱକୁ ଚକିତ କରି ଦେବା ଭଳି ଖବର ଆସିଛି । ଦୀର୍ଘ ୯ ଦିନର ସଂଘର୍ଷ ପରେ ତ୍ରିଶୂଳୀ ଶୁଡ଼ଙ୍ଗ ଭିତରୁ ୨ ଜଣ ଶ୍ରମିକଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି । ଉଦ୍ଧାର ଦୁଇ ଶ୍ରମିକ ହେଲେ ସଞ୍ଜୟ ଶାହ (୩୦) ଏବଂ କବୀର ମହାଜନ (୪୫) । ଶକ୍ତି, ଜଳ ସମ୍ପଦ ଓ ଜଳ ସେଚନ ବିଭାଗ ଏହି ସୂଚନା ଦେଇଛି ।

ସଞ୍ଜୟ ଏବଂ କବୀର ତ୍ରିଶୂଳୀ ହାଇଡ୍ରୋପାୱାର ଅଟୋମେସନ୍ ପ୍ରକଳ୍ପରେ କାର୍ଯ୍ୟରତ ଥିଲେ । କବୀର ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ । ଗତ ଅଗଷ୍ଟ ୨୬ରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟାରେ ଉଭୟ ତ୍ରିଶୂଳୀ ଟନେଲ୍ ମଧ୍ୟରେ ଫସି ରହିଥିଲେ । ଉଦ୍ଧାରକାରୀ ଦଳ



ସେବେଠାରୁ ତ୍ରିଶୂଳୀ ଟନେଲ ଭିତରୁ ଏକାଧିକ ମୃତ ଦେହ ଉଦ୍ଧାର କରିଥିବା ବେଳେ କିଛି ଲୋକଙ୍କୁ ଜୀବନ୍ତ ଉଦ୍ଧାର କରିଥିଲେ । କିନ୍ତୁ ଏହା ପରେ ଧିରେ ଧିରେ ସମସ୍ତଙ୍କ ଆଶା ମରିଯାଇଥିଲା । ଆଜି ଉଦ୍ଧାରକାରୀ ଦଳ ଟନେଲ ଭିତରୁ ମଣିଷର ସ୍ୱର ଶୁଣିଥିଲେ । ତେଣୁ ସେଠାରେ କେହି ଫସିଥିବା ଅନୁମାନ କରାଯାଇଥିଲା । ଏହା ପରେ ନେପାଳ ସେନା ଏବଂ ପୋଲିସ ପକ୍ଷରୁ ମିଳିତ ଉଦ୍ଧାରକାର୍ଯ୍ୟ ଆରମ୍ଭ ହୋଇଥିଲା । ତମାମ ଚେଷ୍ଟା ପରେ ସେମାନଙ୍କୁ ଉଦ୍ଧାରକାରୀ ଦଳ ଆଜି ଉଦ୍ଧାର କରିଛି । ଉଦ୍ଧାର କରାଯିବା ପରେ ତୁରନ୍ତ ଉଭୟଙ୍କୁ କାଠମାଣ୍ଡୁର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

ସଞ୍ଜୟ ଶାହ ଉଦ୍ଧାର ହେବା ପରେ କହିଛନ୍ତି ଯେ ସେ ଟନେଲ୍ ଭିତରେ କେବଳ ଭଗବାନଙ୍କୁ ସ୍ମରଣ କରୁଥିଲେ । ସେ କେବଳ କୃଷ୍ଣ ନାମ ଜପ କରୁଥିଲେ । ଆଉ ଶେଷରେ ଜନ୍ମାଷ୍ଟମୀ ଦିନରେ ସେ ପୁନର୍ଜନ୍ମ ପାଇ ଶୁଡ଼ଙ୍ଗ ଭିତରୁ ବାହାରିଛନ୍ତି । ସେ କହିଛନ୍ତି ବିପର୍ଯ୍ୟୟ ଆସିବା ବେଳେ ସେ ସମସ୍ତଙ୍କୁ ଶୁଡ଼ଙ୍ଗ ଭିତରୁ ବାହାରିବାକୁ ଅନୁରୋଧ କରିଥିଲେ । କିନ୍ତୁ ସେ ବାହାରିବା ବେଳକୁ ବିଳମ୍ବ ହୋଇଯାଇଥିଲା ଫଳରେ ସେ ଫସି ରହିଯାଇଥିଲେ ।

## ଏମକେସିଜି ମେଡିକାଲ ପରିସର ନର୍ସିଂ କଲେଜ ହଷ୍ଟେଲରେ ନିଆଁ

ବ୍ରହ୍ମପୁର: ଦକ୍ଷିଣ ଓଡିଶାର ଲାଇଫଲାଇନ୍ କୁହାଯାଉ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ୍ ପରିସରରେ ଥିବା ନର୍ସିଂ ମହାବିଦ୍ୟାଳୟର ବଏଜ୍ ହଷ୍ଟେଲରେ ଶୁକ୍ରବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ହୋଇଛି। ମେଡିକାଲ କଲେଜର ତଳ ମହଲାରେ ଥିବା କିଚେନ୍ ରୁମରେ ଗ୍ୟାସ୍ ପାଇପରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଏଠାରେ ଗ୍ୟାସ ଲିକ୍ ହୋଇ ନିଆଁ ଲାଗିଯାଇଛି। ଉପସ୍ଥିତ ଥିବା ଛାତ୍ରମାନେ ଗ୍ୟାସ୍‌ର ଦୁର୍ଗନ୍ଧ ଜାଣିପାରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ସ୍ୱତନ୍ତ୍ର ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଅନୁଷ୍ଠାନର ଅଗ୍ନି ନିର୍ବାପକ ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ ସହ ଅବଧି ସରି ଯାଇଥିବା ଜଣା ଯାଇଛି।

# 'ଇଓଏସ-୦୫' ଭୂ-ପର୍ଯ୍ୟବେକ୍ଷଣ ଉପଗ୍ରହର ସଫଳ ଉତକ୍ଷେପଣ

ଶ୍ରୀହରିକୋଟା,୪।୯: ସେପ୍ଟେମ୍ବର ୪ ତାରିଖ ଭୋର ୩:୧୪ ମିନିଟରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ମହାକାଶ କେନ୍ଦ୍ରରୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଜିଏସଏଲଭି-ଏଫ୧୭ ରକେଟ୍ ମାଧ୍ୟମରେ 'ଇଓଏସ-୦୫' ଭୂ-ପର୍ଯ୍ୟବେକ୍ଷଣ ଉପଗ୍ରହର ସଫଳ ଉତକ୍ଷେପଣ କରିଛି। ପିଏସଏଲଭି ରକେଟର କ୍ରମାଗତ ଅସଫଳତା ପରେ ଇସ୍ରୋ ପାଇଁ ଏହି ସଫଳତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। କେନ୍ଦ୍ର ବିଜ୍ଞାନ ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହ ଏହାକୁ ମହାକାଶ କ୍ଷେତ୍ରରେ ଭାରତର ଆଉ ଏକ ବିଶାଳ ପଦକ୍ଷେପ ବୋଲି ଅଭିନନ୍ଦନ ଜଣାଇଛନ୍ତି।



ପ୍ରାୟ ୨୩୭୬ କିଲୋଗ୍ରାମ ଓଜନର ଏହି ଆଧୁନିକ ଉପଗ୍ରହଟି ଭୂ-ସ୍ଥିର କକ୍ଷପଥରେ ସ୍ଥାପିତ ହୋଇ ସାରା ଭାରତୀୟ ସୂପକଣ୍ଟିନେଣ୍ଟ, ମହାସାଗର ଓ ସୀମାନ୍ତ ଅଞ୍ଚଳ ଉପରେ ଚବିଶ ଘଣ୍ଟା କ୍ରମାଗତ ନଜର ରଖିବ। ସାଧାରଣ ଉପଗ୍ରହଗୁଡ଼ିକ କେବଳ ସ୍ଥିର ଛବି ଦେଉଥିବା ବେଳେ ଇଓଏସ-୦୫ ଏକ ଜୀବନ୍ତ 'ମୁଭି' ଭଳି ନିରବଚ୍ଛିନ୍ନ ଭିଡିଓ ଫୁଟେଜ୍ ପ୍ରଦାନ କରିବ। ଏହା ଦ୍ୱାରା ବାତ୍ୟା, ବନ୍ୟା, ଜଙ୍ଗଲ ନିଆଁ, ପରିବେଶ ପରିବର୍ତ୍ତନ ଓ ନୌସେନା ସୁରକ୍ଷା କ୍ଷେତ୍ରରେ ବିପୁଳ ସହାୟତା ମିଳିପାରିବ। ୨୦୨୧ ମସିହାରେ ଜିଆଇଏସଏଟି-୧ ମିସନ୍ ଅସଫଳ ହେବା ପରେ ଏହି ସ୍ୱପ୍ନ ଅଧୁରା ରହିଥିଲା, ଯାହା ଆଜି ପୂରଣ ହୋଇଛି।

'ନଟି ବଏ' ଭାବେ ପରିଚିତ ଜିଏସଏଲଭି ଆଜି ନିଜର ଦକ୍ଷତା ପ୍ରମାଣିତ କରିଛି। ୧୯୯୦ ଦଶକରେ ଆମେରିକାର କଟକଣା ଯୋଗୁଁ ରାଷ୍ଟ୍ର ଗୋଷ୍ଠୀରୁ କ୍ରାୟୋଜେନିକ୍ ଇଞ୍ଜିନ୍ ପ୍ରଯୁକ୍ତିବିଦ୍ୟା ନମିଳିବା ପରେ ଇସ୍ରୋ ବୈଜ୍ଞାନିକମାନେ ଦୀର୍ଘ ୨୦ ବର୍ଷର କଠିନ ପରିଶ୍ରମ ବଳରେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ଏହି ସଫଳତା ହାସଲ କରିଛନ୍ତି। ଇସ୍ରୋ ଅଧ୍ୟକ୍ଷ ଡ. ଭି ନାରାୟଣନ୍ ଏହାକୁ ବୈଜ୍ଞାନିକମାନଙ୍କ ଆତ୍ମବିଶ୍ୱାସର ପ୍ରତୀକ ବୋଲି କହିବା ସହ ଚଳିତ ଆର୍ଥିକ ବର୍ଷରେ 'ଗଗନଯାନ' ସହ ଆହୁରି ୬ଟି ପ୍ରମୁଖ ମିସନ୍ ପାଇଁ ପ୍ରସ୍ତୁତି ଚାଲିଥିବା ସୂଚନା ଦେଇଛନ୍ତି।

# ହିମାଚଳରେ ମୌସୁମୀର ତାଣ୍ଡବ

## ତିନୋଟି ଜିଲ୍ଲା ପାଇଁ ପ୍ରବଳ ବର୍ଷା ସତର୍କତା ଜାରି

ସିମଲା,୪।୯(ନି.ପ୍ର.): ହିମାଚଳ ପ୍ରଦେଶରେ ମୌସୁମୀ ବର୍ଷା ଜାରି ରହିଛି, ଯାହା ସାଧାରଣ ଜୀବନଯାତ୍ରାକୁ ବ୍ୟାହତ କରୁଛି। ସିମଲାର ପାଣିପାଗ କେନ୍ଦ୍ର ଦ୍ୱାରା ଜାରି ପୂର୍ବାନୁମାନ ଅନୁଯାୟୀ ଶୁକ୍ରବାର କାଙ୍ଗଡ଼ା, ହମିରପୁର ଏବଂ ସିରମୌରର କିଛି ଅଞ୍ଚଳ ପାଇଁ ପ୍ରବଳ ବର୍ଷା ସତର୍କତା ଜାରି କରାଯାଇଛି।

ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ସଦ୍ୟତମ ରିପୋର୍ଟ ଅନୁଯାୟୀ, ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ରାଜ୍ୟ ସାରା ବନ୍ଦ ହୋଇଥିବା ୯୫ଟି ରାସ୍ତା ମଧ୍ୟରୁ ମାଣ୍ଡିରେ ୩୮ଟି, କୁଲୁରେ ୨୨ଟି ଏବଂ ସିରମୌରରେ ୧୦ଟି ରାସ୍ତା ଅଛି। ସେଗୁଡ଼ିକୁ ପୁନଃ ଖୋଲିବା ପାଇଁ ପ୍ରୟାସ ଚାଲିଛି। ରାସ୍ତା ବ୍ୟତୀତ ଭିତ୍ତିଭୂମି ମଧ୍ୟ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ରାଜ୍ୟରେ ୧୯୮ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଏବଂ ୫୬ଟି ପାନୀୟ ଜଳ ଯୋଜନା ବାଧାପ୍ରାପ୍ତ ହୋଇଛି। ଯାହା ଫଳରେ ଅନେକ ଅଞ୍ଚଳରେ ବିଦ୍ୟୁତ୍ ଏବଂ ଜଳ ସଙ୍କଟ ଗଭୀର ହୋଇଛି। ଲୋକମାନେ ଏବଂ ପର୍ଯ୍ୟଟକମାନଙ୍କୁ ନଦୀ ଏବଂ ଝରଣାଠାରୁ ଦୂରେଇ ରହିବା ଏବଂ ସମ୍ବେଦନଶୀଳ ଅଞ୍ଚଳରେ ଯାତ୍ରା କରିବା ସମୟରେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

ଜୁନ୍ ୩୦ ରୁ ସେପ୍ଟେମ୍ବର ୨ ପର୍ଯ୍ୟନ୍ତ ବର୍ଷା ଋତୁରେ, ରାଜ୍ୟରେ ପ୍ରାୟ ୧,୨୩୫.୪୪ କୋଟି ଟଙ୍କାର କ୍ଷତି ହୋଇଛି ଯେଉଁଥିରେ ଭିତ୍ତିଭୂମି, ପବ୍ଲିକ୍ ୱାର୍କସ୍ ବିଭାଗ ଏବଂ ଜଳ ଶକ୍ତି ବିଭାଗ ସହିତ ବ୍ୟକ୍ତିଗତ ସମ୍ପତ୍ତି ଅନ୍ତର୍ଭୁକ୍ତ। ଏପର୍ଯ୍ୟନ୍ତ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ୧୦୮ ଜଣ ପ୍ରାଣ ହରାଇଛନ୍ତି, ସଡ଼କ ଦୁର୍ଘଟଣାରେ ୧୫୮ ଜଣଙ୍କ ମୃତ୍ୟୁ ରେକର୍ଡ କରାଯାଇଛି।

# ଥାନାରେ ଥିବା ଜବତ ଗାଡ଼ିକୁ ତୁରନ୍ତ ମୁକ୍ତ କର : ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ବିଭିନ୍ନ ମାମଲାରେ ଜବତ ହେଉଥିବା ଗାଡ଼ିକୁ ଥାନାରେ ନ ରଖି ଉପଯୁକ୍ତ ମାଲିକଙ୍କୁ ହସ୍ତାନ୍ତର କରାଯାଉ । ଗାଡ଼ି ଗୁଡ଼ିକ ଖରାପ ହେବାରୁ ହସ୍ତାନ୍ତର ହେବା ଉଚିବ ବୋଲି ଶୁକ୍ରବାର ଏକ ମାମଲାର ଶୁଣାଣି ବେଳେ ସମସ୍ତ କୋର୍ଟକୁ ନିର୍ଦ୍ଦେଶ ଦେଇଛନ୍ତି ସୁପ୍ରିମକୋର୍ଟ ।





ସୁପ୍ରିମକୋର୍ଟ ତାଙ୍କ ଆଦେଶରେ କୋର୍ଟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଥାନାରେ ପଡ଼ି ରହିଥିବା ସମସ୍ତ ଛୋଟ ବଡ଼ ଯାନଗୁଡ଼ିକୁ ସଠିକ ସମୟରେ ସେମାନଙ୍କ ମାଲିକଙ୍କୁ ହସ୍ତାନ୍ତର କରିବା ନିଶ୍ଚିତ କରାଯାଉ । ଯାହା ଦ୍ୱାରା ଗାଡ଼ି ଗୁଡ଼ିକ ଖରାପ ହେବା ପୂର୍ବରୁ ରୋକା ଯାଇପାରିବ । ଏହା କେବଳ ଥାନାର ଜାଗା ମାଡ଼ି ବସୁନାହିଁ ବରଂ ଗାଡ଼ିର ପାର୍ଟସ୍ ଚୋରି ହେବାର ମଧ୍ୟ ଯଥେଷ୍ଟ ସମ୍ଭାବନା ଥାଏ । ଗାଡ଼ିଗୁଡ଼ିକ ପକାଇ ରଖିବା ଦ୍ୱାରା କୌଣସି ଲାଭ ହେବ । ତେଣୁ ଉପଯୁକ୍ତ ସର୍ତ୍ତାବଳୀ ଅନୁଯାୟୀ ମାଲିକଙ୍କୁ ମଧ୍ୟବର୍ତ୍ତୀକାଳୀନ ହେପାଜତ ପ୍ରଦାନ କରିବା ପାଇଁ କୋର୍ଟଗୁଡ଼ିକ ଶୀଘ୍ର କାର୍ଯ୍ୟ କରିବା ଉଚିତ। ସୁପ୍ରିମକୋର୍ଟ ନ୍ୟାୟାଧୀଶ ପ୍ରଶାନ୍ତ କୁମାର ମିଶ୍ର ଏବଂ ନ୍ୟାୟାଧୀଶ ଚନ୍ଦ୍ରଶେଖରଙ୍କୁ ନେଇ ଗଠିତ ଖଣ୍ଡପୀଠ ଅବୈଧ ମଦ ବ୍ୟବସାୟରେ ଜଡ଼ିତ ଏକ ଟ୍ରକକୁ ମଧ୍ୟବର୍ତ୍ତୀକାଳୀନ ହେପାଜତରେ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେବା ସମୟରେ ଏହି ମନ୍ତବ୍ୟ ଦେଇଛନ୍ତି । କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଗାଡ଼ିଗୁଡ଼ିକୁ ହସ୍ତାନ୍ତର କରିବା ପୂର୍ବରୁ ସେଗୁଡ଼ିକ ଫଟୋ ଏବଂ ଭିଡ଼ିଓ ଗ୍ରାଫି କରାଯିବା ଉଚିତ । ବିଚାର ସମୟରେ କୋର୍ଟଙ୍କ ନିକଟରେ ପ୍ରମାଣ ସ୍ୱରୂପ ଭିଡ଼ିଓ ଓ ଫଟୋ ଦାଖଲ କରି ବିଚାର କରାଯାଇ ପାରିବ ।

## ଭୟଙ୍କର ବସ୍ ଦୁର୍ଘଟଣା: ଜଣେ ମୃତ

ନୟାଗଡ଼,୪।୯: ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅଧୀନ ବାଉଁଶିଆପଡା ନିକଟରେ ଶୁକ୍ରବାର ଏକ ଘରୋଇ ଯାତ୍ରୀବାହୀ ବସ୍ ? ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଭୁବନେଶ୍ୱରରୁ ନୟାଗଡ଼ ଆସୁଥିବା ବସ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ବଡ଼ ଗଛରେ ପିଟି ହୋଇଯାଇଥିଲା। ଏହି ଦୁର୍ଘଟଣାରେ ବସ୍ ଡ୍ରାଇଭରଙ୍କ ମୃତ୍ୟୁ ଘଟିଥିବା ବେଳେ ୨୫ରୁ ଅଧିକ ଯାତ୍ରୀ ଆହତ ହୋଇଛନ୍ତି।ମୃତ ଡ୍ରାଇଭରଙ୍କ ପରିଚୟ ଖୋର୍ଦ୍ଧା ଜିଲ୍ଲା ପିଛୁକୁଳି ଗାଁର ନୀରଞ୍ଜନ ସ୍ୱାଇଁ ବୋଲି ଜଣାପଡ଼ିଛି। ଦୁର୍ଘଟଣା ଏତେ ଜୋରଦାର ଥିଲା ଯେ ଡ୍ରାଇଭର କ୍ୟାବିନ୍‌ରେ ଚାପି ହୋଇ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକ, ପୋଲିସ ଓ ଅଗ୍ନିଶମ ବାହିନୀ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

### ଡାହୁକ



ଜନତାଙ୍କ ସ୍ୱାର୍ଥ ମକଚି ମକି
ସରଗ ଗିଳାଏ ଯେମିତି ଗିଳି
କରୁଛନ୍ତି ଦେଶ ଖୋଳ
ଦଣ୍ଡ ଦେଇ ଥଣ୍ଡା କରିବାକୁ ହେଲେ
ଘଡିଏ ମିସିକି ଲଢ଼
-ବିଧୁ

# ପୁରୀରେ ବିପୁଳ ଗଞ୍ଜେଇ, କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଜବତ

ପୁରୀ,୪।୯(ନି.ପ୍ର.): ଏକ ଭଡାଘରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି। ସେହିପରି ନିଜଘରୁ ପୁଳାପୁଳା ଟଙ୍କା ଜବତ ହୋଇଛି। ପୁରୀ ଜିଲ୍ଲା ପେଣ୍ଠକଟା ସାମୁଦ୍ରିକ ଥାନା ଅରନ୍ତଗତ ଗୋପାଳପୁର ନିକଟରେ ଜବତ ହୋଇଥିବା ଗଂଜେଇ ଏବଂ କୋଟିଏ ଟଙ୍କା ମାମଲାରେ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କାର୍ତ୍ତିକ ସାମନ୍ତରାୟ ଏବଂ ଦେବେନ୍ଦ୍ର ସାହୁ।

ପୁଲିସ କହିଛି ଯେ, ମେରାଇନ ଥାନା ଅନ୍ତର୍ଗତ ଗୋପାଳପୁର ପାଖରେ ଥିବା ଆଇଏମ୍‌ଟି ଫାର୍ମାସି କଲେଜ ନିକଟ ଏକ ଭଡାଘରୁ ୧୭୬ଟି ପ୍ୟାକେଟରେ ଏକ କୁଇଣ୍ଟାଲ ୮୩ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଥିବା ବେଳେ ଘଟଣାରେ ସମ୍ପୃକ୍ତ ଥିବା ଦୁଇଜଣ ଅଭିଯୁକ୍ତଙ୍କୁ ମଧ୍ୟରୁ ଜଣଙ୍କ ଘରୁ ଜବତ ହୋଇଛି ପୁଳାପୁଳା ଟଙ୍କା, ସହ କିଛି ଅଳଙ୍କାର ଓ ଏଟିଏମ୍ କାର୍ଡ। ପୁରୀ ଏସ୍‌ପି ପ୍ରତୀକ ସିଂହ କହିଛନ୍ତି, ଦୁଇଜଣ ଅଭିଯୁକ୍ତଙ୍କ ମଧ୍ୟରୁ ପୁରୀ



ତାଳବଣିଆ ଥାନା ଅନ୍ତର୍ଗତ ଟିକରପଡା ମହାନ୍ତିସାହିର କାର୍ତ୍ତିକ ସାମନ୍ତରାୟଙ୍କ ଘରୁ ନଗଦ ଟଙ୍କା ଜବତ ହୋଇଛି। ପାଖାପାଖି କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଜବତ ହୋଇଛି। ଅନ୍ୟତମ ଅଭିଯୁକ୍ତ ହେଉଛନ୍ତି ତାଳବଣିଆ ଥାନା ଅନ୍ତର୍ଗତ ସିଦ୍ଧମହାବୀର ମୈତ୍ରୀ ବିହାରର ଦେବେନ୍ଦ୍ର ସାହୁ। ଏହି ଗଞ୍ଜେଇକୁ ଭଲଭାବରେ ସିଲ୍ କରାଯାଇ ରଖାଯାଇଥିବା ବେଳେ ଘଟଣାକୁ ନେଇ ଅଧିକ ତଦନ୍ତ ଚାଲିଛି। ଅନ୍ୟପଟେ ଅଭିଯୁକ୍ତ କାର୍ତ୍ତିକ ସାମନ୍ତରାୟ ମଧ୍ୟ ପ୍ରତିକ୍ରିୟା ରଖି କହିଛନ୍ତି ସେ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ। ଏଭଳି ଆଶ୍ଚର୍ଯ୍ୟ କଳାଭଳି ଘଟଣା ନେଇ ଅବକାରୀ ବିଭାଗର ନିଷ୍କ୍ରିୟତା ଉପରେ ପ୍ରଶ୍ନ ଉଠିଥିବା ବେଳେ ସକ୍ରିୟ ହୋଇଛନ୍ତି ନିଶା ବେପାରୀ।

## ଶିଶୁ ବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମିଳିବ ଦୁର୍ଘଟଣା ସହାୟତା ରାଶି

ଭୁବନେଶ୍ୱର,୪।୯(ନି.ପ୍ର.): ସରକାରୀ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ଦୁର୍ଘଟଣା ସହାୟତା ରାଶିକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନୂତନ ନିର୍ଦ୍ଦେଶାବଳୀ ଜାରି ହୋଇଛି । ଦୁର୍ଘଟଣା ଜନିତ ମୃତ୍ୟୁ କିମ୍ବା ଶାରିରୀକ ଅକ୍ଷମତା ପାଇଁ ରାଜ୍ୟ ସରକାର ସହାୟତା ରାଶି ପ୍ରଦାନ କରିବେ । ଏହା ଦ୍ୱାରା ଆର୍ଥିକ ଅନଗ୍ରସର ଛାତ୍ରଛାତ୍ରୀମାନେ ଉପକୃତ ହେବେ । ଏହା ଶିଶୁ ବାଟିକା ଠାରୁ ଆରମ୍ଭ କରି ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଲାଗୁ ହେବ । ଦୁର୍ଘଟଣାରେ କୌଣସି ଛାତ୍ରଛାତ୍ରୀଙ୍କ ମୃତ୍ୟୁ ହେଲେ କିମ୍ବା ଶାରିରୀକ ଅକ୍ଷମତା କ୍ଷେତ୍ରରେ ୨ ଲକ୍ଷ ଟଙ୍କା ସହାୟତା ରାଶି ମିଳିବ । ସେହିପରି ଉନ୍ନତ ଚିକିତ୍ସା ପାଇଁ ସ୍ଥାନାନ୍ତର ଆବଶ୍ୟକ ଥିଲେ ସେଥିପାଇଁ ଅତିରିକ୍ତ ୩୦ ହଜାର ଟଙ୍କା ପ୍ରଦାନ କରାଯିବ । ଯାତାୟାତ ଖର୍ଚ୍ଚ ବାବଦକୁ ମିଳିବ ୧୦ ହଜାର ଟଙ୍କା ସରକାରୀ ସହାୟତା ମିଳିବ । ଦୁର୍ଘଟଣାଗ୍ରସ୍ତ ଛାତ୍ରଛାତ୍ରୀଙ୍କର ସମସ୍ତ ସରକାରୀ ଡାକ୍ତରଖାନାରେ ନିଶୁଳ୍କ ଚିକିତ୍ସା ସୁବିଧା ପ୍ରଦାନ କରାଯିବ । ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ଅଧିନରେ ଆସୁଥିବା ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ, ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ଓ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପାଇଁ ଏହି ନିର୍ଦ୍ଦେଶବଳୀ କାର୍ଯ୍ୟକାରୀ ହେବେ ।

**ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ମାମଲା**

# ସିବିଆଇ ତଦନ୍ତ ଦାବି କଲେ ପୁଅ

ଭୁବନେଶ୍ୱର,୪।୯(ନି.ପ୍ର.): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ଆଜି ହେଉଛି ୧୮ତମ ବଳିଦାନ ଦିବସ । ବଳିଦାନ ପୀଠରେ ଶ୍ରଦ୍ଧାଞ୍ଜଳି ଜଣାଇବା ଲାଗି ତାଙ୍କର ଏକମାତ୍ର ସୁପୁତ୍ର ଲୋକନାଥ ନାଥ ଜଳେଶପଟା ଆଶ୍ରମରେ ପହଞ୍ଚିଥିଲେ ।

ଆଉ ତାଙ୍କ ସହିତ ତାଙ୍କ ବୋହୂ ବାସନ୍ତି ନାଥ ମଧ୍ୟ ସାଥିରେ ରହିଥିଲେ ।ବାପାଙ୍କ ହତ୍ୟାକାଣ୍ଡ ଘଟଣାକୁ ଇତିମଧ୍ୟରେ ୧୮ ବର୍ଷ ବିତିଗଲାଣି, କିନ୍ତୁ ଆଜିଯାଏ ହତ୍ୟାକାରୀଙ୍କୁ ସରକାର ଗିରଫ କରି ନାହାଁନ୍ତି । ଏହା ମଧ୍ୟରେ କମିଶନଙ୍କ ତଦନ୍ତ ରିପୋର୍ଟ ହଜିଯାଉଛି । ଏହି ଘଟଣାରେ ସିବିଆଇ ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଗିରଫ କରି ଦଣ୍ଡ ଦେଲେ ମୁଁ ଭାରି ଖୁସି ହେବି ବୋଲି ସ୍ୱାମୀଜୀଙ୍କ ପୁଅ ଲୋକନାଥ ନାଥ କହିଛନ୍ତି । ଅନ୍ୟପଟେ ସ୍ୱାମୀଜୀଙ୍କ ବୋହୂ ବାସନ୍ତି ନାଥ ମଧ୍ୟ ସ୍ୱାମୀଜୀଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ଅନ୍ୟପକ୍ଷରେ ଆଜି ହେଉଛି ପବିତ୍ର ଜନ୍ମାଷ୍ଟମୀ । ଏହା ସହ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୮ ତମ ଶ୍ରାଦ୍ଧ ବାର୍ଷିକୀ ସାଙ୍ଗକୁ ବିଶ୍ୱହିନ୍ଦୁ ପରିଷଦର ପ୍ରତିଷ୍ଠା ଦିବସ ।ଏ ନେଇ ତୁମୁଡ଼ିବନ୍ଧ ଜଳେଶପଟା ଶଙ୍କରାଚାର୍ଯ୍ୟ ସଂସ୍କୃତ କନ୍ୟାଶ୍ରମରେ ନିରାଡମ୍ବର ଭାବେ ଜନ୍ମାଷ୍ଟମୀ ସାଙ୍ଗକୁ ସ୍ୱାମୀଜୀଙ୍କ ବଳିଦାନ ଦିବସ ପାଳନ କରାଯାଉଛି । ସକାଳୁ ସକାଳୁ ସୂର୍ଯ୍ୟ ପୂଜା , ଗୋ ପୂଜନ ସହ ନିକଟସ୍ଥ ରାହୁଲ ନଦୀରୁ ଅନ୍ତେବାସିନୀ କଳସ ଯାତ୍ରା ଆରମ୍ଭ ହୋଇଥିବାର ସୂଚନା ମିଳିଛି ।



# ସିଏମ୍ କିଷାନ୍ ଯୋଜନାର ପଞ୍ଚମ କିସ୍ତି ବଣ୍ଟନ ସମାରୋହ ଆୟୋଜିତ

ଅନୁଗୋଳ,୪।୯ :(ମନ୍ଥନ) ମୁଖ୍ୟମନ୍ତ୍ରୀ କିଷାନ୍ ସମ୍ମାନ ନିଧି (ସିଏମ୍ କିଷାନ୍) ଯୋଜନାର ପଞ୍ଚମ କିସ୍ତି ଆଜି ପବିତ୍ର ଜନ୍ମାଷ୍ଟମୀରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ଶିକ୍ଷାସଦନ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଦାନ କରିଛନ୍ତି। ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ରରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆଭାସୀ ମାଧ୍ୟମରେ ଆୟୋଜିତ ହୋଇଯାଇଛି। ସିଏମ୍ କିଷାନ୍ ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବର୍ଷକୁ ୨ଟି କିସ୍ତିରେ ପ୍ରତିବର୍ଷ ୨୦୦୦ ଟଙ୍କା ହିସାବରେ ମୋଟ ୪୦୦୦ ଟଙ୍କା ପ୍ରଦାନ କରାଯାଉଛି। ସେହିଭଳି ଭୂମିହୀନ ଚାଷୀଙ୍କୁ ୩ଟି କିସ୍ତିରେ ମୋଟ ୧୨ ହଜାର ୫୦୦ ଟଙ୍କା ପ୍ରଦାନ କରାଯାଉଛି। ଏହି କିସ୍ତିରେ ଜିଲ୍ଲାର ୧ ଲକ୍ଷ ୪୮ ହଜାର ୯୨୬ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୨୯ କୋଟି ୭୮ ଲକ୍ଷ ୫୨ ହଜାର ଟଙ୍କା ଏବଂ ୨୦୭ ଜଣ ଭୂମିହୀନ ଚାଷୀଙ୍କୁ ପ୍ରାୟ ୮ ଲକ୍ଷ ୬୨ ହଜାର ୫୦୦ ଟଙ୍କା ପ୍ରଦାନ କରାଯାଇଛି। ଜିଲ୍ଲାରେ ଆୟୋଜିତ କାର୍ଯ୍ୟକ୍ରମରେ



ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ମାନ୍ୟବର ପାଲଲହଡ଼ା ବିଧାୟକ ଶ୍ରୀ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ମାନ୍ୟବର ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଶ୍ରୀ ସୁଦିପ ଗଡ଼ନାୟକ , ମାନ୍ୟବର ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଶ୍ରୀ ଚୌଧୁରୀ ପ୍ରଧାନ, ମାନ୍ୟବର ତାଳଚେର ବିଧାୟକଙ୍କ ପ୍ରତିନିଧି ଶ୍ରୀ ମୁରଲୀଧର ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼. ଦେବାଶିଷ ମିଶ୍ର, ଜଳ ବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଜୟରାମ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ଦିବ୍ୟ ଲୋଚନ ପଣ୍ଡା, ଜିଲ୍ଲା କୃଷି ଅଧିକାରୀ ଶ୍ରୀ ବିନୋଦ କୁମାର ଦଳାଇଙ୍କ ସମେତ ଜିଲ୍ଲାର ସମସ୍ତ ବ୍ଲକର କୃଷି ଅଧିକାରୀ, ବିଭାଗୀୟ ଅଧିକାରୀ ଓ କୃଷକ ପ୍ରମୁଖ ଉପସ୍ଥିତ ଥିଲେ। ଆତ୍ମା ଉପ-ପ୍ରକଳ୍ପ ନିର୍ଦ୍ଦେଶିକା ପ୍ରଭାତୀ ରାମ ମଞ୍ଚ ପରିଚାଳନା କରିଥିଲେ।

# ନବରଙ୍ଗପୁର ଜିଲ୍ଲାରେ 'ମୁଖ୍ୟମନ୍ତ୍ରୀ କିଷାନ' ଯୋଜନାର ୫ମ କିସ୍ତି କୃଷକ ସହାୟତା ରାଶି ବଣ୍ଟନ

ନବରଙ୍ଗପୁର,୪।୯ :(ମନ୍ଥନ) ନବରଙ୍ଗପୁରସ୍ଥିତ ମିଶନ ଶକ୍ତି ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ନବରଙ୍ଗପୁର ବିଧାନସଭା ନିର୍ବାଚନମଣ୍ଡଳୀର ମାନ୍ୟବର ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଶ୍ରୀ ଗୌରୀ ଶଙ୍କର ମାଝୀ ଯୋଗଦେଇ କୃଷକମାନଙ୍କ କଲ୍ୟାଣ ଓ କୃଷି କ୍ଷେତ୍ରର ସୁଦୃଢ଼ୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶ୍ରୀ ବିଶ୍ୱଜିତ୍ ବର୍ମନ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ପ୍ରମୋଦ କୁମାର ପୃଷ୍ଟି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ବିରଞ୍ଚି ନାରାୟଣ ଦରବାନ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଶ୍ରୀ ବିଶ୍ୱଜିତ ସାହୁ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଶ୍ରୀ ଶଶାଙ୍କ ଲେଙ୍କା, ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା ଶ୍ରୀ ଚିନ୍ତାମଣି ବେହେରା, ସମବାୟ ସମିତି ଉପନିବନ୍ଧକଙ୍କ ସମେତ କୃଷି, ସମବାୟ ଓ ସମ୍ପୃକ୍ତ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ଅଞ୍ଚଳରୁ ପ୍ରାୟ ୧୫୦ ଜଣ କୃଷକ ଯୋଗଦେଇଥିଲେ। ଏହି



ଅବସରରେ ଭୁବନେଶ୍ୱରସ୍ଥିତ କୃଷି ଶିକ୍ଷା ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧାସଳଖ ପ୍ରସାରଣ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା 'ମୁଖ୍ୟମନ୍ତ୍ରୀ କିଷାନ' ଯୋଜନାର ୫ମ କିସ୍ତି ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମକୁ ଉପସ୍ଥିତ କୃଷକ ଓ ଅଧିକାରୀମାନେ ଦେଖିଥିଲେ।ନବରଙ୍ଗପୁର ଜିଲ୍ଲାରେ ଏହି ୫ମ କିସ୍ତି ଅନ୍ତର୍ଗତ ୧,୪୯,୨୩୧ ଜଣ କୃଷକଙ୍କୁ ମୋଟ ୨୯,୮୪,୬୨,୦୦୦ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଆର୍ଥିକ ସହାୟତା କୃଷକମାନଙ୍କୁ କୃଷି କାର୍ଯ୍ୟରେ ଆବଶ୍ୟକୀୟ ଖର୍ଚ୍ଚ ପରିଚାଳନା, କୃଷି ଉତ୍ପାଦନ ବୃଦ୍ଧି ଏବଂ ଜୀବିକାକୁ ଅଧିକ ସୁଦୃଢ଼ କରିବାରେ ସହାୟକ ହେବ।ଏହି ଅବସରରେ ବିଧାୟକ ଶ୍ରୀ ଗୌରୀ ଶଙ୍କର ମାଝୀ କହିଥିଲେ ଯେ, ରାଜ୍ୟ ସରକାର କୃଷକଙ୍କ ଆର୍ଥିକ ସଶକ୍ତିକରଣ, କୃଷି ଉତ୍ପାଦନ ବୃଦ୍ଧି ଓ କୃଷିକୁ ଅଧିକ ଲାଭଜନକ କରିବା ଦିଗରେ ବିଭିନ୍ନ କୃଷକ କଲ୍ୟାଣମୂଳକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। 'ମୁଖ୍ୟମନ୍ତ୍ରୀ କିଷାନ' ଯୋଜନା ମାଧ୍ୟମରେ ମିଳୁଥିବା ଆର୍ଥିକ ସହାୟତା ଚାଷୀମାନଙ୍କୁ କୃଷି କାର୍ଯ୍ୟରେ ଅଧିକ ସକ୍ଷମ କରିବା ସହ ସେମାନଙ୍କ ଆୟ ଓ ଜୀବିକାର ସୁଦୃଢ଼ୀକରଣରେ ଗୁରୁତ୍ୱପୂର୍ଣ୍ଣ ସହାୟକ ହେବ।ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ କୃଷକମାନଙ୍କ ନିକଟରେ ସରକାରୀ କୃଷକ କଲ୍ୟାଣ ଯୋଜନାଗୁଡ଼ିକର ସୁଫଳ ସ୍ୱଚ୍ଛ, ସରଳ ଓ ଦକ୍ଷ ପ୍ରକ୍ରିୟାରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଯୋଗ୍ୟ ହିତାଧିକାରୀମାନେ ଯେପରି ଯୋଜନାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବା ସହ କୃଷକମାନଙ୍କୁ ଯୋଜନା ସମ୍ପର୍କରେ ନିୟମିତ ସଚେତନ କରିବାକୁ ସେ ପରାମର୍ଶ ଦେଇଥିଲେ।କୃଷି ବିଭାଗ ପକ୍ଷରୁ କୁହାଯାଇଥିଲା ଯେ, କୃଷକମାନଙ୍କ ଆର୍ଥିକ ସୁରକ୍ଷା ସହ କୃଷି କ୍ଷେତ୍ରରେ ଆଧୁନିକ ପ୍ରଯୁକ୍ତି, ଉନ୍ନତ କୃଷି ପଦ୍ଧତି, ଫସଲ ବିବିଧୀକରଣ ଓ ସ୍ଥାୟୀ କୃଷି ପ୍ରଣାଳୀକୁ ପ୍ରୋତ୍ସାହନ ଦେବା ଦିଗରେ ବିଭାଗ ପକ୍ଷରୁ ନିରନ୍ତର ପଦକ୍ଷେପ ନିଆଯାଉଛି। ଯୋଜନାର ସୁଫଳ ଯୋଗ୍ୟ କୃଷକଙ୍କ ନିକଟରେ ପହଞ୍ଚାଇବା ସହ ସେମାନଙ୍କୁ ଆବଶ୍ୟକ କୃଷି ପରାମର୍ଶ ଓ ବୈଷୟିକ ସହଯୋଗ ଯୋଗାଇ ଦିଆଯାଉଛି।କାର୍ଯ୍ୟକ୍ରମରେ ଉପସ୍ଥିତ କୃଷକମାନେ 'ମୁଖ୍ୟମନ୍ତ୍ରୀ କିଷାନ' ଯୋଜନା ମାଧ୍ୟମରେ ମିଳୁଥିବା ସହାୟତା ପାଇଁ ଆନନ୍ଦ ପ୍ରକାଶ କରିବା ସହ କୃଷକଙ୍କ ଆର୍ଥିକ ସଶକ୍ତିକରଣ ଓ କୃଷି କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ।ଜିଲ୍ଲା ପ୍ରଶାସନ ଓ କୃଷି ବିଭାଗର ସମନ୍ୱିତ ପ୍ରୟାସ ମାଧ୍ୟମରେ 'ମୁଖ୍ୟମନ୍ତ୍ରୀ କିଷାନ' ଯୋଜନାର ସୁଫଳ ଜିଲ୍ଲାର ଅଧିକରୁ ଅଧିକ ଯୋଗ୍ୟ କୃଷକଙ୍କ ନିକଟରେ ପହଞ୍ଚାଇବା ଏବଂ କୃଷକମାନଙ୍କ ସାମଗ୍ରିକ ଆର୍ଥିକ ଓ ସାମାଜିକ ବିକାଶକୁ ସୁନିଶ୍ଚିତ କରିବା ଦିଗରେ ନିରନ୍ତର ପ୍ରୟାସ ଜାରି ରହିଛି।

## ଜରପଡା ଜଙ୍ଗଲ ବିଭାଗ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ

ଛେଣ୍ଡିପଦା,୪।୯ :(ମନ୍ଥନ)ଅନୁଗୋଳ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜରପଡା ଜଙ୍ଗଲ ବିଭାଗ ପକ୍ଷରୁ ଅନ୍ତୁଳିଆ ଗ୍ରାମ ପଞ୍ଚାୟତ ଅଧୀନ ଗଦଗଦା ଗ୍ରାମୀଣ ପାର୍କ ପରିସରରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପରିବେଶକୁ ପ୍ଲାଷ୍ଟିକ ମୁକ୍ତ କରିବା, ବିଭିନ୍ନ ପ୍ରକାର ଭଙ୍ଗା କାଚ ବୋତଲ ମୁକ୍ତ ପରିବେଶ ସୁରକ୍ଷିତ ରଖିବା ମୁଖ୍ୟ ଲକ୍ଷ୍ୟ ଉଦ୍ଦେଶ୍ୟ ଥିଲା । କାଚ ବୋତଲ ଭାଙ୍ଗିବା ଦ୍ୱାରା ହାତୀପଲଙ୍କ ଚଲାପଥରେ ଅନେକ ସମୟରେ ବିପଦ ସୃଷ୍ଟି ହେଉଛି । ତେବେ ଗ ଦଗଦା ଗ୍ରାମୀଣ ପାର୍କ ଓ ମିନି ଜଳ ପ୍ରପାତ ତଥା ବଣଭୋଜି ସ୍ଥଳରେ ସମସ୍ତ ପ୍ରକାର ପ୍ଲାଷ୍ଟିକ ଓ ଭଙ୍ଗା କାଚ ବୋତଲ ସଫା ସୁତୁରା କରାଯାଇଥିଲା । ବିଶେଷ କରି ଜରପଡା ଫରେଷ୍ଟ ରେଞ୍ଜ ଅଫିସର ମାଧବ ଚନ୍ଦ୍ର ନାୟକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ



ଏହି କାର୍ଯ୍ୟକ୍ରମରେ ଫରେଷ୍ଟର ବସନ୍ତ କୁମାର ଗଡ଼ନାୟକ ଓ ଅନ୍ତୁଳିଆ ସେକ୍ସନ ଫରେଷ୍ଟର ଟିକେଶ୍ୱର୍ ନାୟକ ଙ୍କ ସମେତ ସମସ୍ତ ବନ ବିଭାଗୀୟ କର୍ମଚାରୀ , ସ୍କ୍ୱାର୍ଡ କର୍ମଚାରୀ, ଗଜସାଥି ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଟୁନା ସାହୁ, ସୌର ଚନ୍ଦ୍ର ସାହୁ ଙ୍କ ସମେତ ଲକ୍ଷ୍ମଣ ପୁର ବନ ସୁରକ୍ଷା ସମିତି କର୍ମକର୍ତ୍ତା ଓ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

## ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ପାଳିତ

ବୁଗୁଡ଼ା,୪।୯ :(ମନ୍ଥନ)ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ଶିଶୁ ବାଟିକା ପକ୍ଷରୁ ଶ୍ରୀ କୃଷ୍ଣ ଜନ୍ମାଷ୍ଟମୀ ଉତ୍ସବ ଆନନ୍ଦ-ଉଲ୍ଲାସରେ ପାଳିତ ହୋଇଯାଇଛି । ଏ ଅବସରରେ ଶିଶୁ ବାଟିକା ବିଭାଗର ରାଧା ଓ କୃଷ୍ଣ ବେଶଧାରୀ ଶିଶୁମାନଙ୍କ ନଗର ଭ୍ରମଣ, ଦଧି ଭାଣ୍ଡ ଭଞ୍ଜନ ଓ ଦୋଳିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପ୍ରଧାନାଚାର୍ଯ୍ୟଚଣ୍ଡି ପ୍ରସାଦ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋରୀପତି ଦାଶ, ସମ୍ମାନିତ ଅତିଥି ଭାବେ ପରିଚାଳନା ସମିତି ସଦସ୍ୟା ମଧୁସ୍ମିତା ପାଢୀ ଓ କୋଷାଧକ୍ଷ ତ୍ରିଲୋଚନ ସାହୁ ଯୋଗ ଦେଇ ଶିଶୁମାନଙ୍କୁ ମାର୍ଗ ଦର୍ଶନ ପୂର୍ବକ ଶ୍ରୀ କୃଷ୍ଣଙ୍କ ଜନ୍ମ ବୃତ୍ତାନ୍ତ ବର୍ଣ୍ଣନା କରିଥିଲେ । ଗୁରୁମା ରସନା ପ୍ରଧାନଙ୍କ ସଂଯୋଜନାରେ ଉକ୍ତ କାର୍ଯ୍ୟକ୍ରମକୁ ଶିଶୁ ବାଟିକା ପ୍ରମୁଖ ଗୁରୁମା ମମତା ସାହୁ ପରିଚାଳନା କରିଥିବା ବେଳେ ଏଥିରେ ଗୁରୁମା ରଶ୍ମିତା ଜେନା, ସୁଜାତା ମହାପାତ୍ର, ଅର୍ଚ୍ଚନାମୟୀ ପାତ୍ର, ପାପା ବିଷୋୟୀ, ଦିପିକା ବେହେରା, ୟୁ. ଜୟଶ୍ରୀ ଦୋରା, ରାକ୍ଷୀ ସ୍ୱାଇଁ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

## ସଡ଼କ ଦୁର୍ଘଟଣାରେ ସିଆରସିସି ଚତୁର୍ଭୁଜ ନାୟକଙ୍କ ମୃତ୍ୟୁ

ଜଗତସିଂହପୁର, ୪।୯ :(ମନ୍ଥନ) ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଶିକ୍ଷା ଣ୍ଡଳ ଅନ୍ତର୍ଗତ ସିଦ୍ଧ ?ଶ୍ୱରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,ଦେଉଳସାହି କ୍ଲଷ୍ଟରର ସିଆରସିସି ଚତୁର୍ଭୁଜ ନାୟକ (୪୮) ଆଜି ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଛନ୍ତି। ସୂଚନାଯୋଗ୍ୟ, ଆଜି ଅପରାହ୍ନ ୪ଟା ୩୦ମିନିଟରେ ମୃତ୍ୟୁବରଣ କରିଥିବା ଶ୍ରୀ ନାୟକ ଓ ତାଙ୍କ ଭିଣୋଇ ସୁଶାନ୍ତ କୁମାର ନାୟକ (୪୫)କଟକରୁ ତାଙ୍କ ଘର ନାଲିବରକୁ ଏକ ବାଇକ୍ ଯୋଗେ ଫେରୁଥିବା ବେଳେ ରଘୁନାଥପୁର ଥାନା ଅନ୍ତର୍ଗତ ବର୍ତ୍ତୀ ହମ୍ପସ ଉପରେ ଏକ ଟ୍ରକକୁ ଓଭରଟେକ କରିବାକୁ ଯାଇ ବିପରୀତ ଦିଗରୁ ଆସୁଥିବା ଏକ ତେଲ ଟ୍ୟାଙ୍କରରେ ବାଇକର ମିରର ଲାଗି ଯାଇଥିଲା,ଫଳରେ ଶ୍ରୀ ନାୟକ ତେଲ ଟ୍ୟାଙ୍କର ଚକା ତଳେ ପଡି ଯାଇଥିଲେ। ଟ୍ୟାଙ୍କରର ଚକା ତାଙ୍କ ମୁଣ୍ଡ ଉପରେ ଚଢି ଯିବାରୁ ଘଟଣାସ୍ଥଳରେ ସେ ମୃତ୍ୟୁବରଣ କରିଥିଲେ। ଖବରପାଇ ରଘୁନାଥପୁର ପୋଲିସ ଆଇ.ଆଇ.ସି, ଅଗ୍ନିଶମ ବିଭାଗ ଓ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଂଚି ଦୁର୍ଘଟଣା ଗ୍ରସ୍ତ ବ୍ୟକ୍ତି ମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ରଘୁନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ସେଠାରେ ଡ଼ାକ୍ତର ଶ୍ରୀ ନାୟକଙ୍କୁ ମୃତ ଘୋଷଣା ପରେ ରଘୁନାଥପୁର ପୋଲିସ ଶବକୁ ଜବତ କରିଥିଲା। ସମୟ ଅତିକ୍ରାନ୍ତ ହୋଇ ଯାଇଥିବାରୁ ବ୍ୟବଚ୍ଛେଦ ପାଇଁ ଶବକୁ ଆସନ୍ତାକାଲି ଜଗତସିଂହପୁର ବଡ଼ ଡ଼ାକ୍ତରଖାନାକୁ ପଠାଯିବ ବୋଲି ପୋଲିସ ସୁତ୍ରରୁ ପ୍ରକାଶ ପାଇଛି।



## କୁକୁଡାଖଣ୍ଡି ବିଇଓଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର

କୁକୁଡାଖଣ୍ଡି,୪।୯ :(ମନ୍ଥନ) କୁକୁଡାଖଣ୍ଡି ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମହାପାତ୍ର ଆସନ୍ତା ସେପ୍ଟେମ୍ବର ୫ ତାରିଖରେ ଲୋକ ସେବା ଭବନ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟ ସ୍ତରୀୟ ଉତ୍ସବରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ସନ୍ତୋଷ ମହାପାତ୍ର କୁକୁଡାଖଣ୍ଡି ବ୍ଲକରେ କିଛି ବର୍ଷ ଧରି କାର୍ଯ୍ୟରତ ଥିବା ବେଳେ ଗଞ୍ଜାମ ଜିଲ୍ଲା ତଥା ଓଡିଶାର ଜଣେ ଶ୍ରେଷ୍ଠ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବରେ ମନୋନୀତ ହୋଇଛନ୍ତି । ତାଙ୍କ ନେତୃତ୍ୱରେ ବ୍ଲକର ଶିକ୍ଷାର ଗୁଣାତ୍ମକ ବିକାଶ ହୋଇଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଉଥିବା ସୂଚନା ମିଳିଛି । ଏହି ଖବର ପ୍ରସାରିତ ହେବା ପରେ ବ୍ଲକର ଶିକ୍ଷକ ପରିବାରତରଫରୁବିଇଓଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି । ସେହିପରି କୁକୁଡାଖଣ୍ଡି ବ୍ଲକର ଏନ୍ୟୁପିଏସ୍ ଦକ୍ଷିଣପୁର ବିଦ୍ୟାଳୟ ମଧ୍ୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ବିବେଚିତ ହୋଇଛି ।

## ନବରଙ୍ଗପୁରରେ ବିଜେପିର ମିଶ୍ରଣ ପର୍ବ

ନବରଙ୍ଗପୁ.୪।୯ :(ମନ୍ଥନ)ନବରଙ୍ଗପୁର ନିର୍ବାଚନ ମଣ୍ଡଳୀରେ ଭାରତୀୟ ଜନତା ପାର୍ଟି (ବିଜେପି)ର ସଙ୍ଗଠନ ଆହୁରି ମଜବୁତ୍ ହୋଇଛି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀଙ୍କ ଉପସ୍ଥିତିରେ ଏକ ବିଶେଷ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବଡମସିଗାଁ ପଞ୍ଚାୟତର ବହୁ ବିଶିଷ୍ଟ ବ୍ୟକ୍ତି ଓ ନେତା ବିଜେପିର ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଆନୁଷ୍ଠାନିକ ଭାବେ ଦଳରେ ଯୋଗଦାନ କରିଛନ୍ତି।ବିଜେପିରେ ସାମିଲ୍ ହୋଇଥିବା ପ୍ରମୁଖ ବ୍ୟକ୍ତିବୃନ୍ଦ:ହେଲେ ମନବୋଧ ପୂଜାରୀ ମହାଦେବ ମାଝୀ ନିଲମ ପୂଜାରୀ -ରାମକୃଷ୍ଣ ଗୌଡ଼ -ନରହରି ଭୋଇ ପଦ୍ମନ ଅନ୍ଧାରୀ -ବଡ଼ମସିଗାଁ ଙ୍କ ଉପସ୍ଥିତରେ ସ୍ଥାନୀୟ ନେତୃବୃନ୍ଦ:-ରମେଶ ଭତ୍ରା,ଭୀମ ସମରଥ,ରତ୍ନା ମଣ୍ଡଳ,ଜାମ୍ବୁ ଭତ୍ରା,ଗୋବିନ୍ଦ ଭତ୍ରା,ଗୋପୀ ମାଳୀ,ପୂର୍ଣ୍ଣ ହରିଜନ ଏବଂ ଅନ୍ୟମାନେ।ଯୋଗ ଦେଇ ଥିଲେ ସମସ୍ତ ନବାଗତ ନେତାଙ୍କୁ ବିଧାୟକ ଶ୍ରୀ ଗୌରୀଶଙ୍କର ମାଝୀ ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ବିଜେପିକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ଫଳରେ ସ୍ଥାନୀୟ ଅଞ୍ଚଳରେ ଦଳୀୟ ସଙ୍ଗଠନ ଅଧିକ ସୁଦୃଢ଼ ହେବ ବୋଲି ଆଶା ପ୍ରକାଶ କରାଯାଇଛି।



## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ

ଅନୁଗୋଳ,୪।୯ :(ମନ୍ଥନ) ସ୍ଥାନୀୟ ଗାନ୍ଧିମାର୍ଗସ୍ଥିତ ଅନୁଗୋଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଆଜି ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଉତ୍ସବରେ ଅନୁଗୋଳ ଜିଲ୍ଲା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଜିଲ୍ଲା ପ୍ରମୁଖ ବିଜୟ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ରହି ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ସମ୍ବନ୍ଧରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ । ଅନ୍ୟତମ ଅତିଥି ଭାବରେ ବିଦ୍ୟାଳୟ ପରିଚାଳନା ସମିତିର ଉପ ସଭାପତି କ୍ଷୀରୋଦ ଚନ୍ଦ୍ର ପ୍ରଧାନ, ଯୁକ୍ତ ଦୁଇ ବିଜ୍ଞାନ ଅଧ୍ୟକ୍ଷ ଡ.ସିଦ୍ଧନାଥ ସାହୁ , ପ୍ରଧାନ ଆଚାର୍ଯ୍ୟ ଆଲୋକ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ । ଅତିଥି ଗଣ ଉତ୍ସବ ଆରମ୍ଭରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ପୁଣ୍ୟତିଥି ଅବସରରେ ତାଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ଉତ୍ସବର ଉଦ୍ଦେଶ୍ୟ ଓ ଅତିଥିଙ୍କ ପରିଚୟ ପ୍ରଦାନ ସହିତ ବରିଷ୍ଠ ଆଚାର୍ଯ୍ୟ ଦିଲ୍ଲୀପ କୁମାର ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।ଏହି ଅବସରରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ମନୋଜ୍ଞ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଦଧିଭାଣ୍ଡ ଭଗ୍ନ କାର୍ଯ୍ୟକ୍ରମ ହୋଇଥିଲା । ପ୍ରାୟ ୨୦୦ ରୁ ଅଧିକ ଛାତ୍ରଛାତ୍ରୀ ରାଧାକୃଷ୍ଣ ବେଶରେ ସୁସଜ୍ଜିତ ହୋଇ ଉତ୍ସବକୁ ଆକର୍ଷଣୀୟ କରିଥିଲେ । ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମାଙ୍କ ସହଯୋଗରେ ଉତ୍ସବ ପାଳିତ ହୋଇଥିଲା।



## ହତ୍ୟା କରିବା ପରେ ଯୁବକକୁ ଗଛରେ ଟାଙ୍ଗିଦେଲେ

ନୟାଗଡ, ୪।୯ :(ମନ୍ଥନ)ହତ୍ୟା କରି ସାରିବା ପରେ ପ୍ରମାଣ ନଷ୍ଟ ପାଇଁ ଗଛରେ ଟାଙ୍ଗିଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି ଦୁର୍ବୃତ୍ତ ସୂଚନା ମୁତାବକ ନୟାଗଡ଼ ରଣପୁର ଥାନା ନୋତର ପଞ୍ଚାୟତ କୋଡିଏ କାହାଣିଆ ଗାଁର ମାନସ କୁମାର ବେହେରା ଗତକାଲି କୌଣସି କାମରେ ଭୁବନେଶ୍ୱର ଯାଇଥିଲେ ଓ ହେଲେ ଆଉ ଘରକୁ ଫେରିନଥିଲେ ଖ ବହୁ ସମୟ ଧରି ଘରକୁ ନଫେରିବା ସହ ତାଙ୍କ ମୋବାଇଲ୍ ଫୋନ୍ ସ୍ୱିଚ୍ ଅଫ୍ ଆସିବାରୁ ପରିବାର ଲୋକଙ୍କ ସନ୍ଦେହ ହୋଇଥୁଲା ଓ ପରିବାର ଲୋକେ ବହୁ ଖୋଜାଖୋଜି କରି ମାନସଙ୍କୁ ନପାଇବାରୁ ରଣପୁର ଥାନାରେ ଲିଖୃତ ଅଭିଯୋଗ କରିଥିଲେ ଓ ତେବେ ଆଜି ସକାଳୁ ରଣପୁର ଥାନା ନିକଟସ୍ଥ ଭାଲିଆ ତଇଲା ଜଙ୍ଗଲକୁ କିଛି ଲୋକ କାଠ ସଂଗ୍ରହ ପାଇଁ ଯାଉଥିବା ବେଳେ ଏକ କାଜୁ ଗଛରେ ଜଣେ ଯୁବକ ଝୁଲୁଥିବା ଦେଖୁଥିଲେ । ଏହାପରେ ସେମାନେ ଭୟଭୀତ ହୋଇ ମାନସଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ ଓ ଖବର ପାଇ ପରିବାର ଲୋକେ ଘଟଣାସ୍ଥଳରେ ପହଞ୍ଚିବା ସହ ରଣପୁର ପୋଲିସକୁ ସୂଚନା ଦେଇଥିଲେ ଓ ପୋଲିସ ଘଟଣା ସ୍ଥଳରେ ପହଂଚି ଖୋଳତାଡ଼ କରୁଛି।

## ଚାକିରି କରାଇଦେବା ନାଁରେ ଠକେଇ : ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଗିରଫ

ଛତ୍ରପୁର, ୪।୯ :(ମନ୍ଥନ) ଚାକିରି କରାଇଦେବା ନାଁରେ ଯୁବପିଢ଼ିଙ୍କୁ ଠକେଇ ଅଭିଯୋଗରେ ଛତ୍ରପୁର ଥାନା ପୁଲିସ ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ୩ ଜଣ ମହିଳା ଅଛନ୍ତି। ସେମାନେ ହେଲେ କବିସୂର୍ଯ୍ୟନଗର ବ୍ଲକ ପାଇକଯମୁନା ଗ୍ରାମର ଦୀପା ବେହେରା, ନାରାୟଣ ସେଠୀ, ପୁରୁଣାଗ୍ରାମର ବିଷ୍ଣୁପ୍ରିୟା ବେହେରା ଓ ଅଗସ୍ତିନୂଆଗାଁର ସୁନିତା ଦାସ।ସୂଚନାନୁସାରେ, ଗତକାଲି ଛତ୍ରପୁରର ଏକ ଘରୋଇ କଲ୍ୟାଣ ମଣ୍ଡପରେ ବିଭିନ୍ନ ବ୍ଲକ ଓ ତହସିଲରେ ପିଅନ, ଆକାଉଣ୍ଟାଣ୍ଟ ଆଦି ପଦବୀରେ ଚାକିରି ଦେବା ନାଁରେ ନକଲି ଇଣ୍ଟରଭ୍ୟୁ ଚାଲିଥିଲା। ଇଣ୍ଟରଭ୍ୟୁ ସମୟରେ ଆଶାୟୀ ପ୍ରାର୍ଥୀଙ୍କୁ ଅଧିକ ଟଙ୍କା ଦାବି କରାଯିବାରୁ ସନ୍ଦେହ ଉପୁଜିଥିଲା। ଏନେଇ କିଛି ଆଶାୟୀ ପୁଲିସକୁ ଖବର ଦେଇଥିଲେ।ପୁଲିସ ଘଟଣାସ୍ଥଳରେ ପହଞ୍ଚି କିଛି ଜଣଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପ୍ରାଥମିକ ତଦନ୍ତରୁ



ଅଭିଯୁକ୍ତମାନେ ଗତ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଛତ୍ରପୁର ସମେତ ଜିଲ୍ଲାର ବିଭିନ୍ନ ଅଞ୍ଚଳର ଯୁବକ-ଯୁବତୀଙ୍କୁ ଚାକିରି ଦେବା ନାଁରେ ଠକେଇ କରୁଥିବା ଜଣାପଡ଼ିଛି। ଏପରିକି ନକଲି ନିଯୁକ୍ତିପତ୍ର ଓ ପରିଚୟପତ୍ର ଦେଇ ଆଶାୟୀଙ୍କଠାରୁ ଟଙ୍କା ଆଦାୟ କରୁଥିଲେ।

ଏ ସଂକ୍ରାନ୍ତରେ ପୁତିଗୋପାଳପୁର ଗ୍ରାମର ଇମ୍ରାନ ଖାନଙ୍କ ଅଭିଯୋଗକ୍ରମେ ଛତ୍ରପୁର ଥାନାରେ କେସ୍ ନଂ-୪୨୦/୨୦୨୬ ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ଆଜି ମୁଖ୍ୟ ଅଭିଯୁକ୍ତଙ୍କ ସମେତ ୪ ଜଣଙ୍କୁ ପୁଲିସ ଗିରଫ କରିଛି।

ଗିରଫ ଅଭିଯୁକ୍ତଙ୍କଠାରୁ ନଗଦ ୨୫ ହଜାର ଟଙ୍କା, ଗୋଟିଏ ବାଇକ୍, ୩ଟି ମୋବାଇଲ ଫୋନ୍, ନକଲି ନିଯୁକ୍ତିପତ୍ର ଓ ଆଇଡି କାର୍ଡ ଜବତ କରାଯାଇଛି। ଏହି ଠକେଇର ଚେର କେତେଦୂର ଲମ୍ବିଛି, ଆଉ କେତେଜଣ ଏଥିରେ ସମ୍ପୃକ୍ତ ଅଛନ୍ତି ଏବଂ କେତେଜଣ ଆଶାୟୀଙ୍କଠାରୁ ଟଙ୍କା ନିଆଯାଇଛି, ସେନେଇ ତଦନ୍ତ ଜାରି ରହିଛି। ଆବଶ୍ୟକ ହେଲେ ଅଭିଯୁକ୍ତମାନଙ୍କୁ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରାଯିବ ବୋଲି ଛତ୍ରପୁର ଥାନାଧିକାରୀ ସବ୍ୟସାଚୀ ମଲ୍ଲ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଦୁଇଟି ସରକାରୀ ସ୍କୁଲର ତାଲା ଭାଙ୍ଗି ଚୋରି

ଧାମନଗର,୪।୯ :(ମନ୍ଥନ) ଧାମନଗର ଥାନା ଅଞ୍ଚଳରେ ଦୁଇଟି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଟାର୍ଗେଟ କରି ଦୁର୍ବୃତ୍ତମାନେ ତାଲା ଭାଙ୍ଗି ଚୋରି:୧୮ବସ୍ତା ଚାଉଳ,ପାଲ ଓ ଜିନିଷପତ୍ର ଲୁଟ୍,କାଗଜପତ୍ର ନଷ୍ଟ ସହ ଚୋରି କରିଥିବା ଅଭିଯୋଗ ହୋଇଛି। ସ୍କୁଲର ଗେଟ୍ ଓ ଅଫିସ ଘରର ତାଲା କାଟି ଦୁର୍ବୃତ୍ତମାନେ ମୋଟ ୧୮ ବସ୍ତା ଚାଉଳ ସହ ୨ଟି ତ୍ରିପାଲ ଚୋରି କରିନେଇଥିବା ବେଳେ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ମଧ୍ୟ ନଷ୍ଟ କରିଦେଇଥିବା ଜଣାପଡ଼ିଛି। ଗୁରୁବାର ରାତିରେ ଦୁର୍ବୃତ୍ତମାନେ ସୋରିସଡ଼ିହ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ବାବୁରୀଗାଁ ଶ୍ରୀ ଜଗନ୍ନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏହି ଚୋରିକାଣ୍ଡ ଘଟାଇଥିବା ଅଭିଯୋଗ ହୋଇଛି। ସୋରିସଡ଼ିହ ସ୍କୁଲରୁ ୧୧




ବସ୍ତା ଚାଉଳ ଚୋରି ହୋଇଥିବା ବେଳେ ବାବୁରୀଗାଁ ସ୍କୁଲରୁ ୭ ବସ୍ତା ଚାଉଳ ଓ ୨ଟି ତ୍ରିପାଲ ଚୋରି ହୋଇଛି। ଊଅଭିଯୋଗ ଅନୁଯାୟୀ, ଦୁର୍ବୃତ୍ତମାନେ ସ୍କୁଲର ଗେଟ୍ ଓ ଅଫିସ ଘରର ତାଲା କାଟି ଭିତରକୁ ପ୍ରବେଶ କରିଥିଲେ। ପରେ ଏକ ଚାରିଚକିଆ ଯାନରେ ଚାଉଳ ବୋଝେଇ କରି ନେଇଯାଇଥିବା ସନ୍ଦେହ କରାଯାଉଛି। ଏହାସହ ବାବୁରୀଗାଁ ସ୍କୁଲରେ ରହିଥିବା କେତେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଚିରି ନଷ୍ଟ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ସୋରିସଡ଼ିହ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରେମାନନ୍ଦ ଜେନା ଆଜିର ଡି ସି ଓ ନରେନ୍ଦ୍ର ରାଉତଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଥାନାରେ ଅଭିଯୋଗ ପରେ ଆଇଆଇସି ଶୁଭ୍ରଜିତ ଦାଶଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ନାରାୟଣ ନାୟକ ସଦଳେବଳ ବିଦ୍ୟାଳୟ ତଥା ଘଟଣା ସ୍ଥଳରେ ପହଞ୍ଚି ଚୋରି ସମ୍ପର୍କରେ ତଦନ୍ତ କରି ଆସିବା ପରେ ସଙ୍ଗେ ସଙ୍ଗେ ଥାନା କେସ ନଂ ୩୭୭/୨୦୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଭାର ସହକାରୀ ଉପ-ନିରୀକ୍ଷକ ଶିବଶଙ୍କର ଖିଲାରଙ୍କୁ ଦିଆଯାଇଛି ବୋଲି ଅଧିକାରୀ ସୂଚନା ଦେଇଛନ୍ତି। ଏକାସାଙ୍ଗରେ ଦୁଇଟି ସରକାରୀ ସ୍କୁଲକୁ ଟାର୍ଗେଟ କରି ହୋଇଥିବା ଏହି ଚୋରି ଘଟଣା ପରେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ପୁଲିସ ତଦନ୍ତ ମାଧ୍ୟମରେ ଦୁର୍ବୃତ୍ତମାନଙ୍କ ପତ୍ତା ଲଗାଇବାକୁ ଚେଷ୍ଟା ଜରି ରଖିଛି।

ଶନିବାର ୦୫ ସେପ୍ଟେମ୍ବର, ୨୦୨୬, ଭୁବନେଶ୍ୱର
Saturday September 05 2026 Bhubaneswar



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

## ଆମ ସ୍ୱପ୍ନର ପ୍ରଥମ ଶିଳ୍ପୀ

ମାଆ ଆମକୁ ଜନ୍ମ ଦିଅନ୍ତି, କିନ୍ତୁ ଜୀବନର ଅର୍ଥ ଶିଖାଇଥିବା ମଣିଷଙ୍କୁ ଆମେ ଗୁରୁ ବୋଲି ଡାକୁ। ଆଖି ଖୋଲିଲେ ଦୁନିଆ ଦେଖାଯାଏ, କିନ୍ତୁ କେଉଁ ପଥରେ ଚାଲିବାକୁ ହେବ, କେଉଁ ପଥରୁ ଦୂରେଇ ରହିବାକୁ ହେବ ଏବଂ ଜୀବନର ଅନ୍ଧାରରେ ନିଜ ଆଲୋକ କିପରି ଖୋଜିବାକୁ ହେବ, ତାହା ଶିଖାନ୍ତି ଗୁରୁ। ମଣିଷର ଜୀବନରେ ଅନେକ ଲୋକ ଆସନ୍ତି, କେହି କିଛି ଦିନ ପାଇଁ, କେହି କିଛି ବର୍ଷ ପାଇଁ; କିନ୍ତୁ ଜଣେ ସତ୍ୟ ଶିକ୍ଷକ ଛାତ୍ରର ମନରେ ଯେଉଁ ଚିହ୍ନ ଛାଡ଼ିଯାଆନ୍ତି, ତାହା ସାରା ଜୀବନ ରହିଯାଏ। ଆଜି ଯେଉଁ ଯୁବକ ନିଜ ପାଦରେ ଠିଆ ହୋଇଛି, ଯେଉଁ ଯୁବତୀ ନିଜ ସ୍ୱପ୍ନକୁ ସାକାର କରିଛନ୍ତି, ଯେଉଁ ବୈଜ୍ଞାନିକ ଅଜଣା ଜଗତର ରହସ୍ୟ ଖୋଜୁଛନ୍ତି, ଯେଉଁ ଡାକ୍ତର ଜୀବନ ବଞ୍ଚାଉଛନ୍ତି, ଯେଉଁ ବିଚାରପତି ନ୍ୟାୟର ଆସନରେ ବସୁଛନ୍ତି, ଯେଉଁ ପ୍ରଶାସକ ଲୋକଙ୍କ ସେବା କରୁଛନ୍ତି, ସେମାନଙ୍କ ସଫଳତାର ପଛରେ କୌଣସି ନା କୌଣସି ଗୁରୁଙ୍କ ନିରବ ଆଶୀର୍ବାଦ ନିଶ୍ଚୟ ରହିଛି। ସେଥିପାଇଁ ଗୁରୁଦିବସ କେବଳ ଏକ ଦିନର ଉତ୍ସବ ନୁହେଁ; ଏହା ଆମ ଜୀବନର ମୂଳକୁ ମନେ ପକାଇବାର ଦିନ। ପ୍ରତିବର୍ଷ ସେପ୍ଟେମ୍ବର ପାଞ୍ଚ ତାରିଖରେ ଭାରତରେ ଗୁରୁଦିବସ ପାଳିତ ହୁଏ। ଏହି ଦିନ ମହାନ ଦାର୍ଶନିକ, ଶିକ୍ଷାବିତ୍ ? ଓ ଭାରତର ପୂର୍ବତନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିନ। ତାଙ୍କ ଜୀବନ ଆମକୁ ଏକ ମହାନ ସତ୍ୟ ଶିଖାଏ—ଶିକ୍ଷାର ଲକ୍ଷ୍ୟ କେବଳ ଚାକିରି ପାଇବା ନୁହେଁ, ମଣିଷ ହେବା। ଆଜି ଏହି କଥାକୁ ମନେ ପକାଇବାର ଆବଶ୍ୟକତା ଆହୁରି ବଢ଼ିଛି। କାରଣ ଆମେ ଏପରି ଏକ ସମୟରେ ପହଞ୍ଚିଛୁ, ଯେଉଁଠାରେ ତଥ୍ୟର ଅଭାବ ନାହିଁ, କିନ୍ତୁ ବିବେକର ଅଭାବ ଦେଖାଯାଉଛି; ଶିକ୍ଷାର ସୁଯୋଗ ବଢ଼ିଛି, କିନ୍ତୁ ମୂଲ୍ୟବୋଧର ପ୍ରଶ୍ନ ଆମ ସମ୍ମୁଖରେ ଠିଆ ହୋଇଛି। ଆଜି ଜଣେ ଛାତ୍ର ଅନେକ ଉତ୍ସରୁ ତଥ୍ୟ ପାଇପାରେ, କିନ୍ତୁ ସତ୍ୟ ଓ ମିଥ୍ୟା ମଧ୍ୟରେ ପାର୍ଥକ୍ୟ କରିବାର ବିବେକ କିଏ ଦେବ ? ଅନେକ ପ୍ରଶ୍ନର ଉତ୍ତର ମିଳିପାରେ, କିନ୍ତୁ ଜୀବନର ଜଟିଳ ପ୍ରଶ୍ନରେ ସଠିକ୍ ? ନିଷ୍ପତ୍ତି ନେବାର ସାହସ କିଏ ଦେବ ? ଏଠି ହିଁ ଶିକ୍ଷକଙ୍କ ଆବଶ୍ୟକତା ଅପରିହାର୍ଯ୍ୟ। ପୁସ୍ତକ ଜ୍ଞାନ ଦିଏ, କିନ୍ତୁ ଗୁରୁ ଜ୍ଞାନର ଅର୍ଥ ବୁଝାନ୍ତି। ପାଠ୍ୟପୁସ୍ତକ ଉତ୍ତର ଦିଏ, କିନ୍ତୁ ଗୁରୁ ପ୍ରଶ୍ନ କରିବାକୁ ଶିଖାନ୍ତି। ପରୀକ୍ଷା ଜାଣିବାର ମାପ ନିଏ, କିନ୍ତୁ ଜୀବନ ଚରିତ୍ରର ପରୀକ୍ଷା ନିଏ; ଆଉ ସେହି ପରୀକ୍ଷା ପାଇଁ ଛାତ୍ରକୁ ପ୍ରସ୍ତୁତ କରନ୍ତି ଗୁରୁ। ଜଣେ ଭଲ ଶିକ୍ଷକ ଛାତ୍ରର ଖାତାରେ କେବଳ ଭୁଲ ଚିହ୍ନଟ କରନ୍ତି ନାହିଁ, ତାଙ୍କ ଜୀବନର ଭୁଲ ପଥକୁ ମଧ୍ୟ ଚିହ୍ନଟ କରିବାର ଶକ୍ତି ଦିଅନ୍ତି। ଛାତ୍ର ଯେତେବେଳେ ଅସଫଳ ହୁଏ, ସେତେବେଳେ ତାକୁ ଭାଙ୍ଗି ପଡ଼ିବାକୁ ଦିଅନ୍ତି ନାହିଁ; ଯେତେବେଳେ ସଫଳ ହୁଏ, ସେତେବେଳେ ଅହଂକାରରୁ ଦୂରେଇ ରହିବାକୁ ଶିଖାନ୍ତି। ଜଣେ ଶିକ୍ଷକଙ୍କ ସବୁଠାରୁ ବଡ଼ ସଫଳତା ତାଙ୍କ ନାମ କେତେ ଲୋକ ଜାଣନ୍ତି ତାହାରେ ନୁହେଁ; ତାଙ୍କ ଛାତ୍ରମାନେ କେତେ ଭଲ ମଣିଷ ହୋଇଛନ୍ତି, ତାହାରେ ରହିଥାଏ। ଶ୍ରେଣୀକକ୍ଷର ଚାରି କାନ୍ଥ ଭିତରେ ଶିକ୍ଷକ ଯାହା କରନ୍ତି, ତାହାର ପ୍ରଭାବ ଅନେକ ସମୟରେ ଦଶକ ପର୍ଯ୍ୟନ୍ତ ରହିଥାଏ। ଜଣେ ଶିକ୍ଷକଙ୍କ ଏକ ଉତ୍ସାହବର୍ଦ୍ଧକ ବାକ୍ୟ ଜଣେ ନିରାଶ ଛାତ୍ରକୁ ନୂଆ ଜୀବନ ଦେଇପାରେ, ତାଙ୍କ ଏକ ଆସ୍ଥା ଜଣେ ଦୁର୍ବଳ ଛାତ୍ରର ଆତ୍ମବିଶ୍ୱାସକୁ ଜାଗ୍ରତ କରିପାରେ ଏବଂ ତାଙ୍କ ଏକ ଆଦର୍ଶ ଜଣେ ଛାତ୍ରର ଭବିଷ୍ୟତର ଦିଗ ବଦଳାଇପାରେ। କିନ୍ତୁ ଏହି ମହାନ ଦାୟିତ୍ୱ ପାଳନ କରୁଥିବା ଶିକ୍ଷକଙ୍କ ଜୀବନ ମଧ୍ୟ ସହଜ ନୁହେଁ। ଶିକ୍ଷାଦାନ ସହିତ ଅନେକ ଅତିରିକ୍ତ ଦାୟିତ୍ୱ, ପ୍ରଶାସନିକ କାର୍ଯ୍ୟ, ବଦଳୁଥିବା ଶିକ୍ଷା ପରିବେଶ ଏବଂ ନୂଆ ପିଢ଼ିର ପରିବର୍ତ୍ତିତ ମାନସିକତା ମଧ୍ୟରେ ଶିକ୍ଷକଙ୍କୁ ପ୍ରତିଦିନ ନିଜକୁ ନୂଆ କରିବାକୁ ପଡୁଛି। ତଥାପି ସେ ଶ୍ରେଣୀକକ୍ଷରେ ପ୍ରବେଶ କରନ୍ତି, ହାତରେ ଜ୍ଞାନର ଦୀପ ଧରନ୍ତି ଏବଂ ଅନେକ ଅଜଣା ଭବିଷ୍ୟତକୁ ଆଲୋକିତ କରନ୍ତି। ଏହି କାରଣରୁ ଶିକ୍ଷକଙ୍କୁ କେବଳ ଗୁରୁଦିବସରେ ସମ୍ମାନ କରିଲେ ଚଳିବ ନାହିଁ। ବର୍ଷର ପ୍ରତ୍ୟେକ ଦିନ ଶିକ୍ଷକଙ୍କ ମର୍ଯ୍ୟାଦା, ସ୍ୱାଧୀନତା ଓ ସୃଜନଶୀଳତାକୁ ସମ୍ମାନ ଦେବାକୁ ହେବ। ଯେଉଁ ଦେଶ ଶିକ୍ଷକଙ୍କୁ ଦୁର୍ବଳ କରେ, ସେ ଦେଶ ନିଜ ଭବିଷ୍ୟତକୁ ଦୁର୍ବଳ କରେ; ଯେଉଁ ସମାଜ ଶିକ୍ଷକଙ୍କୁ ସମ୍ମାନ କରେ, ସେ ସମାଜ ନିଜ ଆଗାମୀ ପିଢ଼ିକୁ ସମ୍ମାନ କରେ। ଆଜିର ଗୁରୁଦିବସରେ ଆମେ ଆଉ ଏକ ସତ୍ୟ ମନେ ରଖିବା ଦରକାର—ଜଣେ ଶିକ୍ଷକଙ୍କୁ ମହାନ କରେ କେବଳ ତାଙ୍କ ଜ୍ଞାନ ନୁହେଁ, ତାଙ୍କ ମାନବିକତା। ଛାତ୍ରର ଆଖିରେ ଲୁହ ଦେଖି ଯିଏ ପାଠ ଥାମି ତାହାର କଥା ଶୁଣନ୍ତି, ଦୁର୍ବଳ ଛାତ୍ରକୁ ଯିଏ ଅତିରିକ୍ତ ସମୟ ଦିଅନ୍ତି, ଗରିବ ଛାତ୍ରର ସ୍ୱପ୍ନକୁ ଯିଏ ନିଜ ସ୍ୱପ୍ନ ଭଳି ଦେଖନ୍ତି, ସେହି ହେଉଛନ୍ତି ପ୍ରକୃତ ଗୁରୁ। ଗୁରୁଙ୍କ ପ୍ରତି ସବୁଠାରୁ ବଡ଼ ଉପହାର ହେଉଛି ତାଙ୍କ ଶିକ୍ଷାକୁ ଜୀବନରେ ପ୍ରମାଣ କରିବା। ଫୁଲ ଗୋଟିଏ ଦିନରେ ମଉଳିଯାଏ, ଉପହାର ସମୟ ସହିତ ହଜିଯାଏ, କିନ୍ତୁ ଗୁରୁଙ୍କ ଆଦର୍ଶକୁ ଜୀବନରେ ବଞ୍ଚାଇ ରଖିଲେ ତାହା ପିଢ଼ି ପରେ ପିଢ଼ି ଆଲୋକ ବିକିରଣ କରେ। ଆମେ ଯେତେବେଳେ ସତ୍ୟ କହୁ, ଅନ୍ୟାୟକୁ ପ୍ରତିରୋଧ କରୁ, ଦୁର୍ବଳଙ୍କ ପାଖରେ ଠିଆ ହେଉ, ବଡ଼ମାନଙ୍କୁ ସମ୍ମାନ କରୁ ଏବଂ ନିଜ କର୍ତ୍ତବ୍ୟକୁ ସତ୍ୟନିଷ୍ଠାର ସହିତ ପାଳନ କରୁ, ସେତେବେଳେ ଆମ ଭିତରେ ଗୁରୁଙ୍କ ଶିକ୍ଷା ଜୀବନ୍ତ ରହେ। ତେଣୁ ଗୁରୁଦିବସରେ କେବଳ ଏତିକି କହିଲେ ଯଥେଷ୍ଟ ନୁହେଁ ଯେ ଗୁରୁଙ୍କୁ ପ୍ରଣାମ। ଆମକୁ ପ୍ରଶ୍ନ କରିବାକୁ ହେବ—ଆମେ ଗୁରୁଙ୍କ ଶିକ୍ଷାକୁ କେତେ ଦୂର ପାଳନ କରୁଛୁ ? ଆମେ ଜ୍ଞାନୀ ହେଉଛୁ, କିନ୍ତୁ ମଣିଷ ହେଉଛୁ କି ? ଆମେ ସଫଳ ହେଉଛୁ, କିନ୍ତୁ ସମାଜ ପ୍ରତି ଆମ ଦାୟିତ୍ୱ ଭୁଲୁନାହୁଁ ତ ? ଏହି ପ୍ରଶ୍ନର ଉତ୍ତର ହିଁ ଗୁରୁଦିବସର ପ୍ରକୃତ ପରୀକ୍ଷା। ଗୁରୁ ନିଜ ପାଇଁ ଶିଷ୍ୟ ଗଢ଼ନ୍ତି ନାହିଁ; ସେ ଦେଶ ପାଇଁ ନାଗରିକ ଗଢ଼ନ୍ତି। ସେ ନିଜ ନାମକୁ ଆଗକୁ ନେବା ପାଇଁ ନୁହେଁ, ନିଜ ଛାତ୍ରର ନାମକୁ ଉଚ୍ଚ କରିବା ପାଇଁ ଜୀବନ ଦିଅନ୍ତି। ସେଥିପାଇଁ ଗୁରୁ ହେଉଛନ୍ତି ସେହି ଦୀପ, ଯିଏ ନିଜେ ଜଳି ଅନ୍ୟର ପଥକୁ ଆଲୋକିତ କରନ୍ତି। ତାଙ୍କ ହାତରେ ଥିବା ଚକର ଧୂଳି କେବଳ ଫଳକରେ ରେଖା ଟାଣେ ନାହିଁ, ଅସଂଖ୍ୟ ଜୀବନର ଭାଗ୍ୟରେ ନୂଆ ରେଖା ଆଙ୍କିଦିଏ। ଆଜି ଯେଉଁମାନେ ସଫଳତାର ଶିଖରରେ ଠିଆ ହୋଇଛନ୍ତି, ସେମାନେ ଥରେ ପଛକୁ ଫେରି ଦେଖନ୍ତୁ; ସେଠାରେ ହୁଏତ ଜଣେ ଶିକ୍ଷକ ଏବେ ମଧ୍ୟ ଠିଆ ହୋଇଛନ୍ତି, ଯିଏ କେବେ କହିଥିଲେ—"ତୁମେ ପାରିବ।" ସେହି ଦୁଇଟି ଶବ୍ଦ ହୁଏତ ଜଣେ ଛାତ୍ରର ସାରା ଜୀବନ ବଦଳାଇଦେଇଛି। ସେଥିପାଇଁ ଆଜି ଆମର ପ୍ରଣାମ ସେହି ସମସ୍ତ ଗୁରୁଙ୍କୁ, ଯେଉଁମାନେ ନିଜ ଜୀବନର ଆଲୋକ କମାଇ ଅନ୍ୟର ଜୀବନରେ ଆଲୋକ ଜଳାଇଛନ୍ତି। କାରଣ ଦେଶର ଭବିଷ୍ୟତ ସଂସଦରେ ନୁହେଁ, ପ୍ରଥମେ ଶ୍ରେଣୀକକ୍ଷରେ ଗଢ଼ାଯାଏ; ଆଉ ସେହି ଭବିଷ୍ୟତର ସ୍ଥପତି ହେଉଛନ୍ତି ଗୁରୁ। ଗୁରୁ ଅଛନ୍ତି ବୋଲି ଜ୍ଞାନର ଦୀପ ଜଳୁଛି, ଜ୍ଞାନର ଦୀପ ଜଳୁଛି ବୋଲି ସ୍ୱପ୍ନ ବଞ୍ଚିଛି, ସ୍ୱପ୍ନ ବଞ୍ଚିଛି ବୋଲି ଦେଶର ଭବିଷ୍ୟତ ଉଜ୍ଜ୍ୱଳ। ତେଣୁ ଗୁରୁଙ୍କୁ କେବଳ ଆଜି ପ୍ରଣାମ ନୁହେଁ—ତାଙ୍କ ଶିକ୍ଷାକୁ ସାରା ଜୀବନ ପ୍ରଣାମ।

# ଶିକ୍ଷକ : ଆଗାମୀ ଭାରତର ରୂପକାର

ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ■

ଶିକ୍ଷକ ଭାଗ୍ୟ ଓ ଭବିଷ୍ୟର ରୂପକାର ଅଟନ୍ତି । ଦେଶର କୋଟି କୋଟି ଛାତ୍ରଛାତ୍ରୀଙ୍କ ଭିତରେ ବିଦ୍ୟା, ଦକ୍ଷତା, ନୈତିକତା ଏବଂ ପ୍ରେରଣା ସଞ୍ଚାର କରୁଥିବା ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ଦେଶବାସୀଙ୍କ ତରଫରୁ ଗୁରୁ ଦିବସ ଅବସରରେ ମୁଁ କୃତଜ୍ଞତା ଜ୍ଞାପନ କରୁଛି ।

ଏହା ସର୍ବଜନବିଦିତ ଯେ ଆମ ଦେଶର ଦ୍ୱିତୀୟ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଇଚ୍ଛା ଥିଲା – ତାଙ୍କ ଜନ୍ମଦିନ 'ଗୁରୁ ଦିବସ' ଭାବେ ପାଳିତ ହେଉ । ସେ ଏକାଧାରେ ଥିଲେ ଜଣେ ପୃଥିବୀ ପ୍ରସିଦ୍ଧ ବିଦ୍ୱାନ, ଲେଖକ ଓ ରାଷ୍ଟ୍ରପୁରୁଷ । ତେବେ ଶିକ୍ଷକଙ୍କ ଭୂମିକା ତାଙ୍କ ପାଇଁ ଥିଲା ସବୁଠୁ ବେଶି ଗୁରୁତ୍ୱପୂର୍ଣ୍ଣ । ଜନପ୍ରିୟ ପୂର୍ବତନ ରାଷ୍ଟ୍ରପତି ଡକ୍ଟର ଏ.ପି.ଜେ. ଅବଦୁଲ କଲାମଙ୍କୁ ଏକଦା ପଚରାଯାଇଥିଲା ଯେ ଲୋକେ ତାଙ୍କୁ ଜଣେ ବୈଜ୍ଞାନିକ ଭାବରେ ନା ରାଷ୍ଟ୍ରପତି ଭାବରେ ମନେରଖନ୍ତୁ ବୋଲି ସେ ଚାହାଁନ୍ତି । କଲାମଙ୍କ ଉତ୍ତର ଥିଲା, ସେ ଜଣେ ଶିକ୍ଷକ ରୂପେ ଲୋକସ୍ମୃତିରେ ରହିବାକୁ ଇଚ୍ଛା କରନ୍ତି ।



ଶିକ୍ଷକ ଶ୍ରଦ୍ଧା ହୁଅନ୍ତୁ ଏବଂ ଶିକ୍ଷାର୍ଥୀ ଶ୍ରଦ୍ଧାବାନ ହୁଅନ୍ତୁ, ଏହା ଆମର ଆଦର୍ଶ ହୋଇ ରହିଆସିଛି । ଆମ ପୁରାତନ ଗ୍ରନ୍ଥାବଳୀରେ ଉଲ୍ଲେଖ ରହିଛି ଯେ ଶିକ୍ଷକମାନେ ବିଦ୍ୟାର୍ଥୀମାନଙ୍କୁ ନିଜର ସନ୍ତାନତୁଲ୍ୟ ଭଲ ପାଆନ୍ତୁ, ଭେଦଭାବ ନ ରଖି ସେମାନଙ୍କୁ ସମଦୃଷ୍ଟିରେ ଦେଖନ୍ତୁ, ସେମାନଙ୍କ ଉପରେ କ୍ରୋଧ ମନୋଭାବ ନ ରଖନ୍ତୁ, ଧୈର୍ଯ୍ୟବାନ ହୁଅନ୍ତୁ, ବିଦ୍ୟାର୍ଥୀଙ୍କ ମଙ୍ଗଳ ପ୍ରତି ଦୃଷ୍ଟି ନିବଦ୍ଧ କରନ୍ତୁ ଏବଂ ସେମାନଙ୍କ ଆହରଣ ଶକ୍ତି ଅନୁଯାୟୀ ଶିକ୍ଷାଦାନ କରନ୍ତୁ । ଏପରି ଶିକ୍ଷକମାନଙ୍କୁ ସମ୍ମାନ ଜଣାଇ ପ୍ରାୟ ତିନି ହଜାର ବର୍ଷ ତଳେ ତୈତ୍ତିରୀୟ ଉପନିଷଦର 'ଶିକ୍ଷାବଲ୍ଲୀ'ରେ 'ଆଚାର୍ଯ୍ୟଦେବୋ ଭବ'ର ବାର୍ତ୍ତା ପ୍ରଦାନ କରାଯାଇଛି ।

ସୌଭାଗ୍ୟବଶତଃ, ମୋ ବିଦ୍ୟାର୍ଥୀ ଜୀବନରେ ମୋତେ ଖୁବ୍ ସ୍ନେହୀ ଓ ଉତ୍ତମ ଶିକ୍ଷକମାନଙ୍କ ମାର୍ଗଦର୍ଶନ ମିଳିଥିଲା । ଆମ ଶିକ୍ଷକମାନେ ସ୍କୁଲ୍ ଛୁଟି ପରେ ବେଳେବେଳେ ନିଜ ଘରେ ଆମମାନଙ୍କୁ ପଢ଼ାଉଥିଲେ ଏବଂ ଆମର ଯତ୍ନ ମଧ୍ୟ ନେଉଥିଲେ । ସପ୍ତମ ଶ୍ରେଣୀ ପରେ ନିଜ ଗାଁ ବାହାରକୁ ଯାଇ ପାଠ ପଢ଼ିବାରେ ମୁଁ ଥିଲି ପ୍ରଥମ ଛାତ୍ରୀ । ପାଠପଢ଼ାର ପରବର୍ତ୍ତୀ ପର୍ଯ୍ୟାୟରେ ଭୁବନେଶ୍ୱରରେ ମଧ୍ୟ ମୋତେ ଶିକ୍ଷକମାନଙ୍କଠାରୁ ବିପୁଳ ସ୍ନେହ ଓ ମାର୍ଗଦର୍ଶନ ମିଳିଥିଲା ଓ ମୁଁ ଏଠାରେ ବିନମ୍ର ସହକାରେ ମୋ ଶିକ୍ଷକମାନଙ୍କ କଥା ଏଥିପାଇଁ ଉଲ୍ଲେଖ କରୁଛି କି ସ୍ନେହୀ ଓ ଉତ୍ସର୍ଗୀକୃତ ଶିକ୍ଷକମାନେ ବିଦ୍ୟାର୍ଥୀଙ୍କ ମଧ୍ୟରେ ସବୁବେଳେ ଅସରନ୍ତି ସାମର୍ଥ୍ୟ ଓ ପ୍ରେରଣା ସଞ୍ଚାର କରିଥା'ନ୍ତି । ଏଥିରୁ ଶକ୍ତି ଆହରଣ କରି ବିଦ୍ୟାର୍ଥୀମାନଙ୍କ ଭିତରେ ଯେ କୌଣସି ଆହ୍ୱାନର ସମ୍ମୁଖୀନ ହେବା ଏବଂ ବଡ଼ ବଡ଼ ଲକ୍ଷ୍ୟ ହାସଲ କରିବା ନିମନ୍ତେ ଉତ୍ସାହ ଅବ୍ୟାହତ ରହିଥାଏ । ମୋ ମତରେ, ଶିକ୍ଷକମାନେ ପାଠ୍ୟକ୍ରମ ଅନୁସାରେ ତ ପଢ଼ାନ୍ତି, ତତ୍ ସଙ୍ଗେସଙ୍ଗେ ବିଦ୍ୟାର୍ଥୀମାନଙ୍କୁ ନିଜର ଆଚାରବିଚାର ମାଧ୍ୟମରେ ବଞ୍ଚିବାର କଳା ବି ଶିଖାଇଥା'ନ୍ତି । ଏଣୁ ଶିକ୍ଷକ ବିଦ୍ୟାର୍ଥୀମାନଙ୍କର କେବଳ ମାର୍ଗଦର୍ଶକ ନୁହଁନ୍ତି, ସେମାନଙ୍କର ଶୁଭଚିନ୍ତକ, ମିତ୍ର ଓ ସହଯାତ୍ରୀ ମଧ୍ୟ ଅଟନ୍ତି ।

ଜଣେ ଶ୍ରେଷ୍ଠ ଶିକ୍ଷକଙ୍କ ବିଶେଷତ୍ୱ ସମ୍ପର୍କରେ ଆମ ସଂସ୍କୃତି ଓ ପରମ୍ପରାରେ ପ୍ରାଚୀନ କାଳରୁ ପ୍ରଚଳିତ ବିଚାର ଆଜି ବି ସମ୍ପୂର୍ଣ୍ଣ ପ୍ରାସଙ୍ଗିକ ମନେହୁଏ । କେତେ ଶତାବ୍ଦୀ ପୂର୍ବେ ମହାକବି କାଳିଦାସ ସ୍ୱୀୟ ନାଟକ 'ମାଳବିକାଗ୍ନିମିତ୍ରମ୍'ରେ କହିଛନ୍ତି, ଯେଉଁ ଅଧ୍ୟାପକ ବିପୁଳ ଜ୍ଞାନର ଅଧିକାରୀ ଏବଂ ନିଜର ଜ୍ଞାନକୁ ବୋଧଗମ୍ୟ କରିବାକୁ ସମର୍ଥ, ସେ ହିଁ ଉତ୍ତମ ଶିକ୍ଷକ ପଦବାଚ୍ୟ ।

ସଂସ୍କୃତର ଏକ ଲୋକପ୍ରିୟ ପ୍ରବାଦ ଅନୁସାରେ : 'ସର୍ବତ୍ର ବିଜୟମ୍ ଇଚ୍ଛେତ୍ ଶିଷ୍ୟାତ୍ ଇଚ୍ଛେତ୍ ପରାଜୟମ୍' । ଏହାର ମର୍ମାର୍ଥ ହେଉଛି, ସମସ୍ତଙ୍କ ଠାରୁ ବିଜୟ କାମନା କରିବା ଉଚିତ କିନ୍ତୁ ଶିଷ୍ୟ ଠାରୁ ପରାଜୟ ଲାଭର ଇଚ୍ଛା ରଖିବା ଉଚିତ । ବିଦ୍ୟାର୍ଥୀଙ୍କ ମଧ୍ୟରେ ସ୍ୱାଧୀନ ଚିନ୍ତାକୁ ପ୍ରୋତ୍ସାହନ ଦେବା, ଜିଜ୍ଞାସା ଉଦ୍ରେକ କରିବା, ପ୍ରଶ୍ନ ପଚାରିବାର ପ୍ରବୃତ୍ତିକୁ ପ୍ରୋତ୍ସାହନ ଦେବା, ତର୍କ-ଶକ୍ତିର ବିକାଶ ଘଟାଇବା ଏବଂ ସେମାନଙ୍କ ବ୍ୟକ୍ତିତ୍ୱ ଗଠନରେ ସହାୟକ ହେବା – ଏସବୁ ହେଉଛି ଶିକ୍ଷାଦାନର ଗୋଟେ ଗୋଟେ ପ୍ରେରଣାଦାୟୀ ଓ ପ୍ରଭାବଶାଳୀ ଦିଗ । ଏତାଦୃଶ ପ୍ରେରଣାପ୍ରଦ ଶିକ୍ଷାରୁ ସଫଳ ଉଦ୍ ଯୋଗୀ, ପ୍ରତିଭାବାନ ବୈଜ୍ଞାନିକ, ସୃଜନଶୀଳ କଳାକାର ଏବଂ ସମାଧାନ ଅନ୍ୱେଷୀ ନାଗରିକ ପିଢ଼ିର ନିର୍ମାଣ ସମ୍ଭବ ।

ଶିକ୍ଷାଦାନ କେବଳ ଏକ ବୃତ୍ତି ନୁହେଁ, ଏହା ମଧ୍ୟ ଏକ ବ୍ରତ । ଏହା କେବଳ ବେଉସା ବା ଚାକିରି ନୁହେଁ, ଏହା ହେଉଛି ମାନବିକତା ନିର୍ମାଣ ଦିଗରେ ଏକ ମହତ କାର୍ଯ୍ୟ । ଏହା ଉତ୍ତର ପିଢ଼ି ନିମନ୍ତେ ମାର୍ଗ ପ୍ରଶସ୍ତ କରିବା ଦିଗରେ ଏକ ସତ୍କାର୍ଯ୍ୟ ମଧ୍ୟ ।ଶିକ୍ଷାଦାନ ସହିତ ଜଡ଼ିତ ସ୍ମୃତିସବୁରୁ ମୁଁ ଅଶେଷ ଶାନ୍ତିଲାଭ କରେ । ମୁଁ ରାଇରଙ୍ଗପୁର ଠାରେ ଥିବା ଶ୍ରୀ ଅରବିନ୍ଦ ଇଣ୍ଟିଗ୍ରାଲ୍ ସ୍କୁଲରେ ପିଲାଙ୍କୁ ପାଠ ପଢ଼ାଇଛି । ପାଠ ପଢ଼ାଇବା ବ୍ୟତୀତ ମୁଁ ପିଲାମାନଙ୍କ ସଙ୍ଗେ ମିଶି ଗୀତ – ସଙ୍ଗୀତ, ଖେଳକୁଦ ଓ ନାଟକ ପ୍ରସ୍ତୁତିରେ ସେମାନଙ୍କୁ ପୂର୍ଣ୍ଣ ପ୍ରାଣରେ ସାହାଯ୍ୟ କରିଛି । ସ୍ୱାଧୀନତା ଦିବସ ଓ ଜନରାଜ୍ୟ ଦିବସର ପ୍ରସ୍ତୁତି ଓ ପାଳନ ଅବସରରେ ପିଲାମାନଙ୍କର ଉତ୍ସାହକୁ ମନେ ପକାଇ ମୁଁ ଆଜି ମଧ୍ୟ ରୋମାଞ୍ଚିତ ହୁଏ । ବିଦ୍ୟାର୍ଥୀମାନଙ୍କୁ ରମଣୀୟ ପ୍ରାକୃତିକ ସ୍ଥଳୀଗୁଡ଼ିକରେ ବଣଭୋଜି ପାଇଁ ନେଇଯିବା ଏବଂ ଖେଳ ମାଧ୍ୟମରେ ସେମାନଙ୍କୁ ନାନା ଜୀବଜନ୍ତୁ ଓ ବୃକ୍ଷଲତା ବିଷୟରେ ଅବଗତ କରିବା ଆଦି ମୋତେ ସାର୍ଥକ ଲାଗିଥିଲା ଓ ସ୍କୁଲ୍ ପଢ଼ା ସରିବାର ଏତେ ବର୍ଷ ପରେ ମଧ୍ୟ ମୋ ଛାତ୍ରଛାତ୍ରୀମାନେ ମୋତେ ସେମାନଙ୍କ ପାରିବାରିକ ଉତ୍ସବ ଆଦିକୁ ନିମନ୍ତ୍ରଣ କରିଆସୁଛନ୍ତି । ଅନେକ ଛାତ୍ରଛାତ୍ରୀଙ୍କ ଭଲ ନାଁ ଯେ କେବଳ ମୋର ମନେ ଅଛି ତା' ନୁହେଁ, ସେମାନଙ୍କ ଡାକ ନାଁ ମଧ୍ୟ ମୋର ମନେ ଅଛି । ମୁଁ ଯେଉଁ ପିଲାମାନଙ୍କୁ ପଢ଼ାଇଛି, ସେମାନଙ୍କ ଠାରୁ ଅନେକ କିଛି ଶିଖିଛି ମଧ୍ୟ । ମୋ ବିଚାରରେ, ପିଲାମାନଙ୍କ ସରଳତା ଓ ଜିଜ୍ଞାସା ଶିକ୍ଷକମାନଙ୍କୁ ଅନେକ କିଛି ଶିଖାଇଥାଏ ।

ରାଷ୍ଟ୍ରପତି ଭାବେ ମୋ କାର୍ଯ୍ୟକାଳକୁ ଦୁଇ ବର୍ଷ ପୂରିବା ଅବସରର ମୁଁ ରାଷ୍ଟ୍ରପତି ଭବନସ୍ଥ ବିଦ୍ୟାଳୟର ବିଦ୍ୟାର୍ଥୀମାନଙ୍କୁ ପରିବେଶ ସଂରକ୍ଷଣ ବିଷୟ ପଢ଼ାଇଥିଲି ଏବଂ ସେମାନଙ୍କ ସହ କଥାବାର୍ତ୍ତା ବି ହୋଇଥିଲି । ବିଦ୍ୟାର୍ଥୀମାନଙ୍କ ସହ ମିଶିବା ଓ ସେମାନଙ୍କ ଚିନ୍ତାଧାରାକୁ ବୁଝିବା ପାଇଁ ମୁଁ ସବୁବେଳେ ଚେଷ୍ଟା କରିଆସିଛି । ସେମାନଙ୍କ କଥାକୁ ମୁଁ ସର୍ବଦା ମୋ ମନରେ ରଖିଆସିଛି ।

ପ୍ରାୟ ଏଗାର ବର୍ଷ ତଳେ ମୁଁ ମୋ ଗାଁର ନିଜ ଜାଗାରେ ଏକ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲି । ସେହି ବିଦ୍ୟାଳୟରେ ଅନାଥ ଓ ବଞ୍ଚିତ ପରିବାରର ପିଲାମାନେ ଶିକ୍ଷାଲାଭ କରନ୍ତି । ସେହି ପିଲାମାନଙ୍କୁ ଭେଟିବା ପାଇଁ ମୁଁ ସେଠାକୁ ଯିବାଆସିବା କରୁଛି । ଏ ବର୍ଷ ଜୁନ୍ ୨୦ ତାରିଖରେ ମୋ ଜନ୍ମଦିନରେ ସେହି ପିଲାମାନଙ୍କୁ ଭେଟି ମୁଁ ବେଶ୍ ଆନନ୍ଦ ଲାଭ କଲି । ସେ ଦିନ ମୋ ସହିତ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ସେହି ବିଦ୍ୟାଳୟକୁ ଯାଇ ପିଲାମାନଙ୍କର ଉତ୍ସାହ ବର୍ଦ୍ଧନ କରିଥିଲେ । ତାଙ୍କ ସହ ମିଶିବାର ସ୍ୱତନ୍ତ୍ର ଅନୁଭୂତି ପିଲାମାନଙ୍କ ପାଇଁ ପ୍ରେରଣାର ଅସରନ୍ତି ଉତ୍ସ ହୋଇ ରହିବ ଓ ସେହି ପିଲାମାନଙ୍କ ଉନ୍ନତି ଦେଖିଲେ ମୋତେ ବିଶେଷ ସାର୍ଥକତା ବୋଧ ହୁଏ ।

ଶିକ୍ଷାଦାନ କାର୍ଯ୍ୟ କେବଳ ଶିକ୍ଷକମାନଙ୍କ ଠାରେ ସୀମାବଦ୍ଧ ନୁହେଁ । ବରଂ ନିଜର ଆଚରଣ ଓ ଉପଲବ୍ଧି ମାଧ୍ୟମରେ ପିଲାଙ୍କ ପାଇଁ 'ରୋଲ୍ ମଡେଲ୍' ସାଜୁଥିବା ପ୍ରତ୍ୟେକ ବ୍ୟକ୍ତିବିଶେଷ ଶିକ୍ଷା ଓ ପ୍ରେରଣାର ଅମୂଲ୍ୟ ଉତ୍ସ ଅଟନ୍ତି ।

ପିତାମାତା ଓ ଅଭିଭାବକ କେତେ ଆଶା ଭରସା ସହିତ ନିଜ ପିଲାଙ୍କୁ ଶିକ୍ଷକଙ୍କ ପାଖରେ ଛାଡ଼ିଥା'ନ୍ତି । ସେମାନଙ୍କର ବିଶ୍ୱାସ ଥାଏ ଯେ ଶିକ୍ଷକ ସେମାନଙ୍କ ପିଲାଙ୍କୁ ନିଜର ମଣି ତାଙ୍କ ସୁରକ୍ଷା ଓ ପ୍ରଗତି ପ୍ରତି ଯତ୍ନବାନ ହେବେ । ଏହି ପବିତ୍ର ଆସ୍ଥା ପ୍ରତି ସମ୍ମାନ ଜଣାଇବା ପ୍ରତ୍ୟେକ ଶିକ୍ଷକଙ୍କର ଧର୍ମ । ଶିକ୍ଷକମାନଙ୍କର ମନୋବୃତ୍ତି, ଆଚରଣ ଓ ବ୍ୟବହାର ଏପରି ହେବା ଉଚିତ ଯଦ୍ୱାରା ପିଲାମାନଙ୍କ ମନରେ ଭୟ ବା ଆଶଙ୍କା ନ ଉପୁଜିବ, ସେମାନଙ୍କ ମନୋବଳ ନ ଭାଙ୍ଗିବ ଏବଂ ସେମାନଙ୍କ ମଧ୍ୟରେ ହୀନମନ୍ୟତା ଦେଖା ନଦେବ । ବିଦ୍ୟାର୍ଥୀମାନେ ଯେପରି ବ୍ୟକ୍ତିତ୍ୱ ବିକାଶର ଶିଖର ଛୁଇଁବେ, ଏହା ସୁନିଶ୍ଚିତ କରିବାର ଗୁରୁଦାୟିତ୍ୱ ଉତ୍ତମ ଶିକ୍ଷକମାନଙ୍କ ଠାରେ ନ୍ୟସ୍ତ ରହିଛି ।ବିଦ୍ୟାର୍ଥୀଙ୍କୁ ଭଲ ମଣିଷ କରି ଗଢ଼ିବା ପ୍ରତ୍ୟେକ ଶିକ୍ଷକଙ୍କ ପାଇଁ ଏକ ପୁଣ୍ୟ କର୍ମ । ନୈତିକତାର ପଥରେ ପରିଚାଳିତ ହୋଇ ସମୃଦ୍ଧି ଓ ଯଶ ଲାଭ କରୁଥିବା ବିଦ୍ୟାର୍ଥୀମାନେ ହିଁ ଶିକ୍ଷକଙ୍କ ସଫଳତାର ମୂର୍ତ୍ତିମନ୍ତ ପ୍ରତୀକ ଅଟନ୍ତି ।ଆମ ଦେଶ ସାମାଜିକ ଅନ୍ତର୍ଭୁକ୍ତୀକରଣ ସହିତ ବିକଶିତ ରାଷ୍ଟ୍ର ନିର୍ମାଣର ଲକ୍ଷ୍ୟ ପ୍ରାପ୍ତି ଦିଗରେ ଅଗ୍ରସର ହେଉଛି । ମୁଁ ଚାହେଁ, ବିକାଶର ଏହି ଯାତ୍ରାରେ ଆମ ଶିକ୍ଷକଗଣ ଏପରି ପିଢ଼ିର ନିର୍ମାଣ କରନ୍ତୁ, ଯିଏ ଆମ ସଂସ୍କୃତିର ଗୌରବମୟ ପରମ୍ପରାର ଗୁରୁତ୍ୱ ଉପଲବ୍ଧି କରିବେ, ବୈଜ୍ଞାନିକ ଦୃଷ୍ଟିକୋଣ ସହିତ ମାନବଜାତିର ହିତ ପାଇଁ କାର୍ଯ୍ୟ କରିବେ, ଅନ୍ତୋଦୟର ଆଦର୍ଶକୁ ଆତ୍ମସ୍ଥ କରିବେ, ପରିବେଶ ଓ ପଶୁପକ୍ଷୀଙ୍କ ସଂରକ୍ଷଣରେ ସକ୍ରିୟ ରହିବେ, ବ୍ୟକ୍ତିଗତ ଓ ସାମୂହିକ ଗତିବିଧିରେ ଉତ୍କର୍ଷ ଲାଭ କରିବେ ତଥା 'ରାଷ୍ଟ୍ର ସର୍ବୋପରି' ମନୋଭାବ ଘେନି ଆଗକୁ ବଢ଼ିବେ । ଦେଶବାସୀଙ୍କୁ ମୋର ଅନୁରୋଧ, ସେମାନେ ନିଷ୍ଠାବାନ ଶିକ୍ଷକମାନଙ୍କୁ ସର୍ବଦା ସମ୍ମାନାସ୍ପଦ ମଣନ୍ତୁ । ସମର୍ପିତ ଶିକ୍ଷକମାନଙ୍କ ଯୋଗଦାନ ବଳରେ ଭାରତ ପଢ଼ିଚାଲୁ ଓ ବେଶ୍ ଆଗକୁ ବଢ଼ିଚାଲୁ, ଏହା ମୋର ଆନ୍ତରିକ କାମନା ।

ଭାରତର ରାଷ୍ଟ୍ରପତି,
ନୂଆଦିଲ୍ଲୀ ।



# ଗୁରୁ, ସାମ୍ପ୍ରଦାୟିକତା ଓ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆମର ଏକାନ୍ତ ଗନ୍ତବ୍ୟ ହେଲା – ଈଶ୍ୱରପ୍ରାପ୍ତି, ଧାରଣ-ପାଳନ-ସମ୍ବେଗ-ସିଦ୍ଧ ବ୍ୟକ୍ତିତ୍ୱ, ତାର ଉପାୟ ହେଉଛି ଆଚାର୍ଯ୍ୟଙ୍କ ଠାରେ ସକ୍ରିୟ ଅନୁରତି, ତା'ଠାରୁ ଆସେ – ଆତ୍ମନିୟନ୍ତ୍ରଣ, ପରିବାର ନିୟନ୍ତ୍ରଣ, ସମାଜ ନିୟନ୍ତ୍ରଣ ଓ ରାଷ୍ଟ୍ର ନିୟନ୍ତ୍ରଣ । ଆଉ ଏଇ ରାଷ୍ଟ୍ର ନିୟନ୍ତ୍ରଣର ଭିତର ଦେଇ, ସାରା ବିଶ୍ୱର ସଙ୍ଗେ ଯୋଗସୂତ୍ର ରଚନା କରି ସବୁଟାକୁ ନେଇ ବିବର୍ଦ୍ଧନର ଦିଗରେ ଆଗେଇ ଚାଲିବା । ଆଉ ଏଇ ସବୁଗୁଡ଼ିକୁ ସାର୍ଥକ କରି ତୋଳିବା ଈଶ୍ୱରଙ୍କ ଠାରେ, ଆଉ ପ୍ରାପ୍ତିର ପରମ ବେଦନା ଏହା ହିଁ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କଥା ପ୍ରସଙ୍ଗରେ କହିଲେ – ଯାହା ବି କରିବାକୁ ଯାଅ, ମୂଳରେ ଥିବା ଦରକାର ଗୁରୁଭକ୍ତି । ତହିଁରେ ପ୍ରବୃତ୍ତି କବ୍‌ଜାରେ ଥାଏ, ସେବାବୃତ୍ତି ଚଞ୍ଚଳ ହୋଇଉଠେ, ଏବଂ କାର୍ଯ୍ୟଟା ନିଖୁଣ ହୁଏ । ଏହି ଗୁରୁଭକ୍ତିରୁ ହିଁ ମଣିଷ ମଙ୍ଗଳର ଅଧିକାରୀ ହୁଏ । ତେଣୁ ଗୁରୁଙ୍କୁ ଇଷ୍ଟ ବୋଲି କୁହାଯାଏ । ଇଷ୍ଟମାନେ ମଙ୍ଗଳ, ଅର୍ଥାତ୍ ଗୁରୁଙ୍କୁ ଅନୁସରଣ କରିଲେ ହିଁ ମଣିଷର ମଙ୍ଗଳ ଆସେ । ଆଉ ଏଇ ଅନୁସରଣର ପନ୍ଥା ହିଁ ହେଉଛି ଯଜନ, ଯାଜନ ଓ ଇଷ୍ଟଭୃତି । ଇଷ୍ଟ ହେଲେ ଗୁରୁ, ସଦ୍‌ଗୁରୁ, ଆଚାର୍ଯ୍ୟ, ଯିଏ ଆଚରଣ କରି ଜାଣିଛନ୍ତି । ତାହା ନକରି ଯାହାଙ୍କୁ ତାହାଙ୍କୁ ଗୁରୁ କହିଲେ ହୁଏନାହିଁ । ଗୁରୁ ଗ୍ରହଣ କରିବାର ପ୍ରଥା ଆମ୍ଭମାନଙ୍କର ଅଛି । ଏହି ପ୍ରଥା ବର୍ତ୍ତମାନ କୁଳଗୁରୁ ଗ୍ରହଣର ଭିତର ଦେଇ ଚାଲିଛି। କିନ୍ତୁ କୁଳଗୁରୁଙ୍କ ପାଖରୁ ଦୀକ୍ଷାଟା ଶେଷ ନୁହେଁ । ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେବା ଏକାନ୍ତ ଆବଶ୍ୟକ । ଗୁରୁ ଗ୍ରହଣମାନେ ଆଚାର୍ଯ୍ୟ ବା ଇଷ୍ଟଗ୍ରହଣ । ଏହି ଆଚାର୍ଯ୍ୟ ହେଲେ ଲିଭିଙ୍ଗ ଟିଚର୍ ବା ଜୀବନ୍ତ ଦିଶାରୀ । ସେ ହେଲେ ମୂର୍ତ୍ତ ନିଷ୍ଠା, ତାଙ୍କ ପ୍ରତି ଯଦି ନିଷ୍ଠା ନଥାଏ, ଆନୁଗତ୍ୟ ନଥାଏ, ତେବେ ତୁମେ କୌଣସି ବୁଦ୍ଧି ଦେଇ ମଧ୍ୟ ସର୍ବତୋମୁଖୀ ସାଫଲ୍ୟରେ ପହଞ୍ଚିପାରିବ ନାହିଁ । ଅବତାର, ସଦ୍‌ଗୁରୁ ବା ମହାପୁରୁଷ ମାନେ କ'ଣ ? ଉତ୍ତରରେ ଶ୍ରୀ ଶ୍ରୀ ଠାକୁର କହିଲେ – ଅବତାରମାନେ ସଦ୍‌ଗୁରୁ, ଯିଏ ପ୍ରବୃତ୍ତି – ପରାୟଣତାର ଊର୍ଦ୍ଧ୍ୱ ଲୋକରୁ ଆସନ୍ତି ଏବଂ ବଞ୍ଚିବା – ବଢ଼ିବାର ବିଧି ଜଣାଇଦିଅନ୍ତି । ମହାପୁରୁଷମାନେ ମହାପୂରଣକାରୀ । ସଦ୍‌ଗୁରୁଙ୍କର ଲକ୍ଷଣ ହେଲା – ତାଙ୍କର ବହିଃ ପ୍ରକାଶରେ ଏହା ଦେଖାଯାଏ, ସେ ଅଚ୍ୟୁତ ଅନୁରାଗ – ସମ୍ପନ୍ନ, ଜାକଜମକରେ ମଧ୍ୟ ବି ସରଳ, ସ୍ୱାଭାବିକ ଭାବେ ସ୍ୱାଭାବିକ ଓ ମହାଜ୍ଞାନୀ ସତ୍ତ୍ୱେ ସରଳ। ଜୀବନରେ ଗୁରୁ ନ ରହିଲେ ମଣିଷର ସମତା ଠିକ୍ ରହେନି । ଶ୍ରୀ ଶ୍ରୀ ଠାକୁର କହିଲେ – ଗୁରୁମାନେ ହିଁ ସଦ୍‌ଗୁରୁ – ଆଚାର୍ଯ୍ୟ । ସଦ୍‌ଗୁରୁ ବା ଗୁରୁ – ପୁରୁଷୋତ୍ତମ ହିଁ ସଚ୍ଚିଦାନନ୍ଦଙ୍କର ମୂର୍ତ୍ତ – ବିଗ୍ରହ, ସେ ହିଁ ରୂପାୟିତ ଈଶ୍ୱର – ପ୍ରେରଣା, ସେ ହିଁ ଆତ୍ମିକ ଶକ୍ତିର ପ୍ରୋଜ୍ଜ୍ୱଳ ପ୍ରକାଶ, ଅସ୍ତି-ବୃଦ୍ଧିର ପରମ ଅମୃତପଥ । ଦୁନିଆରେ ଯେତେ ଦ୍ୱନ୍ଦ ମଧ୍ୟରେ ଅନ୍ୱୟୀ ସାର୍ଥକତାର ସାର-କେନ୍ଦ୍ର ସେ ହିଁ । ତାଙ୍କୁ ଭଲ ପାଏ, ତାଙ୍କ ଇଚ୍ଛା ପରିପୂରଣ କରେ, ତଦନଗୁଗ ଆତ୍ମନିୟନ୍ତ୍ରଣରେ । ତାଙ୍କର ସଙ୍ଗ, ସାହଚର୍ଯ୍ୟ ଓ ସେବ ଭିତର ଦେଇ ମଣିଷ ଈଶୀସ୍ପର୍ଶ ଲାଭ କରି ଧନ୍ୟ ହୁଏ ।

ତେବେ ପ୍ରଶ୍ନ ଉଠେ – ସବୁ ଅବତାର ଓ ଗୁରୁ – ପୁରୁଷୋତ୍ତମ କ'ଣ ସମାନ ? ଶ୍ରୀ ଶ୍ରୀ ଠାକୁର କହିଲେ – ସକଳ ହିଁ ପୂର୍ଣ୍ଣ, ସମସ୍ତେ ବରିଷ୍ଠ, ବଡ଼ କଥାର ମଧ୍ୟରେ ରହିଛି ପରିପୂରଣ । ଯେତେବେଳେ ଯେପରି ପ୍ରୟୋଜନ, ସେତେବେଳେ ସେପରି ଆବିର୍ଭାବ – ଯୁଗ ପ୍ରୟୋଜନ ପରିପୂରଣ ପାଇଁ । ଯୁଗେ – ଯୁଗେ ସେଇ ଜଣେ ହିଁ ଆସନ୍ତି, ପୂର୍ବତନ ଓ ପରବର୍ତ୍ତୀଙ୍କ ମଧ୍ୟରେ ତେଣୁ ରହିଛି ଅଚ୍ଛେଦ୍ୟ ସଙ୍ଗତ । ବିବର୍ତ୍ତନର ଧାରା ଏଇ ଭାବରେ ଆଗେଇ ଚାଲିଛି । ତେଣୁ ଜଣଙ୍କୁ ଛୋଟ କରି ଆଉ ଜଣଙ୍କୁ ବଡ଼ କରିବାର ପ୍ରଚେଷ୍ଟା ଭଲ ନୁହେଁ । ଶ୍ରୀକୃଷ୍ଣଙ୍କ ମଧ୍ୟରେ ରାମଚନ୍ଦ୍ରଙ୍କୁ ଦେଖେନି – ବୁଦ୍ଧଦେବଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କୁ ଖୋଜି ଦେଖେନି – ଏହା ହିଁ ଦୋଷ । ବର୍ତ୍ତମାନ ମଧ୍ୟରେ ପୂର୍ବତନଙ୍କୁ ଖୋଜି ଦେଖିବାର ବୁଦ୍ଧି ଯଦି ଆମ୍ଭମାନଙ୍କର ଥାଏ, ତା'ହେଲେ ବର୍ତ୍ତମାନଙ୍କ ମଧ୍ୟର ପୂର୍ବତନ ପ୍ରତ୍ୟେକଙ୍କୁ ଆମେ ପାଇପାରିବା ଏବଂ ତାଙ୍କୁ କେନ୍ଦ୍ର କରି ସମଗ୍ର ମାନବ-ସମାଜ ଐକ୍ୟବଦ୍ଧ ହୋଇ ଉଠିପାରିବ – ପ୍ରତ୍ୟେକ ସ୍ୱ-ସ୍ୱ ବୈଶିଷ୍ଟ୍ୟରେ ଅକ୍ଷୁର୍ଣ୍ଣ ଥାଇ । ସତ୍ତ୍ୱପୂର୍ବେଷାମପି ଗୁରୁଃ କାଲୋନାନବଚ୍ଛେଦାତ୍, ଆପଣଙ୍କ ମଧ୍ୟରେ ଆପଣଙ୍କ ବାପା ଅଛନ୍ତି, ଜେଜେବାପା ଅଛନ୍ତି – ସେଇମାନଙ୍କ ହିଁ ବିବର୍ତ୍ତିତ ରୂପ ଆପଣ । ପରବର୍ତ୍ତୀ ମଧ୍ୟ ସେହିପରି ପୂର୍ବବର୍ତ୍ତୀର ବିବର୍ତ୍ତିତ ରୂପ ।




ଆଜିକାର ଦିନରେ ତେଣୁ ପୂର୍ବବର୍ତ୍ତୀ କୌଣସି ଅବତାର – ମହାପୁରୁଷଙ୍କୁ ଯଦି ବୁଝିବାକୁ ଚାହୁଁ ତେବେ ବର୍ତ୍ତମାନ ପୂରୟମାଣ ଅବତାର ମହାପୁରୁଷ ଯଦି କେହି ଥାଆନ୍ତି, ତାଙ୍କ ମଧ୍ୟ ଦେଇ ହିଁ ବୁଝିପାରିବା, ନଚେତ୍ ତାଙ୍କ ମର୍ମ କେନ୍ଦ୍ରର ସନ୍ଧାନ ପାଇବାନି । ପ୍ରଭୁ ଯୀଶୁ ଖ୍ରୀଷ୍ଟ କହିଲେ, ମୁଁ ହିଁ ଆଲୋକ, ମୁଁ ହିଁ ପଥ, ମୋତେ ବାଦ ଦେଇ ପିତାଙ୍କ ପାଖକୁ କେହି ଯାଇପାରିବେ ନାହିଁ। ଜଣେ ପ୍ରଶ୍ନ କରିଲେ – ଗୁରୁଙ୍କ ନେଇ ଆମର ଚଳିବା ଦରକାର କ'ଣ ଏବଂ ଗୁରୁ କ'ଣ ଆମକୁ ସ୍ୱୟଂସମ୍ପୂର୍ଣ୍ଣ କରି ତୋଳି ପାରିବେ ? ଶ୍ରୀ ଶ୍ରୀ ଠାକୁର କହିଲେ – ଗୁରୁଙ୍କ ଉପରେ ଯଦି ଆମର ନିଷ୍ଠା ଥାଏ ଆଉ ତାଙ୍କର ନିର୍ଦ୍ଦେଶଗୁଡ଼ିକ ଯଦି ଠିକ୍ ଠିକ୍ କାର୍ଯ୍ୟରେ ଫୁଟେଇ ତୋଳୁ, ତାହେଲେ ଏହାର ଭିତର ଦେଇ ଆମର ଅଭିଜ୍ଞତା ବଢ଼େ, ଆମେ ଶିକ୍ଷିତ ହୋଇ ଉଠୁ । ଜୀବନର ଆରମ୍ଭରେ, ମଧ୍ୟରେ ଓ ଶେଷରେ ସବୁ ଅବସ୍ଥାରେ ଯାହା ଦରକାର ତାହା ହେଉଛି ଏହି ଇଷ୍ଟପ୍ରାଣତା । ମଣିଷ ଜୀବନ୍ତ ଆଦର୍ଶ ବା ଇଷ୍ଟଙ୍କ ସହିତ ଯୁକ୍ତ ହେଲେ ପ୍ରଜ୍ଞାବାନ, ମଧୁର, ଗମ୍ଭୀର ଓ ଶକ୍ତିମାନ ହୁଏ । ତାର ପ୍ରବୃତ୍ତିଗୁଡ଼ିକ ମଧ୍ୟ ଏଇ ଇଷ୍ଟଙ୍କର ହିଁ ସେବା କରେ । ଇଷ୍ଟ ହେଉଛନ୍ତି ଚିର ମଙ୍ଗଳମୟ, ତେଣୁ ପ୍ରବୃତ୍ତିଗୁଡ଼ିକ ମଧ୍ୟ ସେତେବେଳେ ନିଜର ଓ ପରର ମଙ୍ଗଳ ଆବାହନ କରେ, ପ୍ରବୃତ୍ତି ଗୁଡ଼ିକ ସେତେବେଳେ ହୁଅନ୍ତି ଧର୍ମର ବାହନ, ରିପୁ ରହେନା । ଆଉ ତାକୁ ଦମନ କରିବାକୁ କସରତ ମଧ୍ୟ କରିବାକୁ ପଡ଼େନି । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଲେ – 'ମନ୍ମନା ଭବ ମଦ୍‌ଭକ୍ତୋ ମଦ୍‌ଯାଦୀ ମାଂ ନମସ୍କୁରୁ, ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋସି ମେ' ଅର୍ଥାତ୍ ହେ ଅର୍ଜୁନ ! ତୁମେ ମୋ ଠାରେ ମନ ଲଗାଅ, ମୋର ଭକ୍ତ ହୋଇଯାଅ, ମୋର ଯାଜନ କର, ମୋତେ ନମସ୍କାର କର, ଏପରି କଲେ ତୁମେ ମୋତେ ହିଁ ପ୍ରାପ୍ତ ହେବ, ଏହା ମୁଁ ତୁମକୁ ସତ୍ୟ ପ୍ରତିଜ୍ଞା କରି କହୁଛି, କାରଣ ତୁମେ ମୋର ଅତ୍ୟନ୍ତ ପ୍ରିୟ।

ସେହିପରି ଶ୍ରୀ ଶ୍ରୀ ଠାକୁର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥରେ କହିଲେ – ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ ପାଇଁ ଭାବିବାକୁ ହେବ ନାହିଁ । ଏ ପ୍ରକାର ଅଭୟବାଣୀ କେବଳ ଈଶ୍ୱର ବା ପରମପିତା ହିଁ ଦେଇପାରିବେ । ଜନୈକ ବ୍ୟକ୍ତି କହିଲେ – ଅନେକେ ଦୀକ୍ଷା ନେବାକୁ ଚାହାଁନ୍ତି ନାହିଁ। ଶ୍ରୀ ଶ୍ରୀ ଠାକୁର କହିଲେ – ତାର ଅର୍ଥ ସେ ଜୀବନ ହିଁ ଚାହେଁନା । ମଣିଷ ଜୀବନର ଅସଲ ସମ୍ପଦ ହେଲା ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ତାଙ୍କ ପ୍ରତି ଅଚ୍ୟୁତ ଅନୁରାଗୀ ହୋଇ ଚଳିବା । ସତ୍‌ଦୀକ୍ଷା ନେବାକୁ ଆପତ୍ତି ଥାଏ ସେତେବେଳେ ହିଁ ଯେତେବେଳେ ଆମେ ପ୍ରବୃତ୍ତିର ଅନୁଚର ହେଉ । ଅମୃତରେ ଅରୁଚି ହୁଏ ସେତେବେଳେ ହିଁ, ଯେତେବେଳେ ଆମେ ମୃତ୍ୟୁକୁ ଭଲ ପାଉ । ଶ୍ରୀ ଶ୍ରୀ ଠାକୁର କହିଲେ – ସବୁର ମୂଳରେ ହେଲା ଇଷ୍ଟ ନିଷ୍ଠା । ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ଭାବୁଛ ମନରେ ସବୁ ହେଲା, ତା ତ ନୁହେଁ, ତା' ତ ନୁହେଁ ହିଁ, ନିଷ୍ଠା ସହ ଯଦି ନ ପାଳ । ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେବା ପରେ ହିଁ ଦ୍ୱିତୀୟ ଜୀବନ ଆରମ୍ଭ ହୁଏ । ଜନ୍ମ ଜନ୍ମାନ୍ତରର ଜମି ରହିଥିବା ପାପ ଓ ମଇଳା ସେଇ ଗୁରୁଙ୍କ ପ୍ରଦତ୍ତ ସତ୍‌ନାମ ମନନରେ ସଫା ହେବା ଆରମ୍ଭ ହୁଏ ଏବଂ କେତେ ଜନ୍ମ ମଧ୍ୟ ଲାଗିପାରେ । ସେ ସତ୍‌ନାମ ବା ଆଦିନାମର ସ୍ୱତଃ ପ୍ରକ୍ରିୟା ଯୋଗୁଁ ଧୀରେ ଧୀରେ ପ୍ରପବୃତ୍ତିଗୁଡ଼ିକରେ ସାମଞ୍ଜସ୍ୟ ହୋଇ ସତ୍ତାକୁ ବିବର୍ଦ୍ଧନ ଦିଗରେ ଆଗେଇ ନେଇ ଜୀବନକୁ ନିଶ୍ଚୟ ମଧୁମୟ କରି ତୋଳିବ ।

ପ୍ରତିରତ୍ୱିକ ଓ ଅବସରପ୍ରାପ୍ତ ବିଭାଗୀୟମୁଖ୍ୟ ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ଦୂରଭାଷ : ୯୪୩୭୦୫୧୯୫୭



# କେନିଆରେ ଟାଟା କେମିକାଲ୍ସକୁ ବିରୋଧ

**ନୂଆଦିଲ୍ଲୀ,୪ ।୯ (ଏଜେନ୍ସି):** କେନିଆରେ ଟାଟା କେମିକାଲ୍ସ ତୀବ୍ର ବିରୋଧର ସମ୍ମୁଖୀନ ହେଉଛି । ପାଖାପାଖି ୧୦୦ ବର୍ଷ ହେଲା କେନିଆରେ 'ସୋଡା ଆସ୍' ଖନନ କରୁଥିବା ଟାଟା କେମିକାଲ୍ସକୁ ଦେଶରୁ ବାହାରି ଯିବାକୁ କୁହାଯାଇଛି । ରାଷ୍ଟ୍ରପତି ୱିଲିୟମ୍ ରୁଟୋ ଗୁରୁବାର କହିଛନ୍ତି ଯେ, ଭାରତୀୟ କମ୍ପାନୀ ସ୍ଥାନୀୟ ଭାବରେ ଖଣିଜ ସମ୍ପଦକୁ ପ୍ରସ୍ତୁତ ଉତ୍ପାଦରେ ପରିଣତ କରିବା ପାଇଁ ଯଥେଷ୍ଟ ପଦକ୍ଷେପ ନ ନେଇ ଦେଶରୁ ସୋଡା ଆସ୍ ନେଇଯାଉଛି । ତେବେ ଟାଟା କେମିକାଲ୍ସ କେନିଆ ରାଷ୍ଟ୍ରପତିଙ୍କ ଅଭିଯୋଗକୁ ଖଣ୍ଡନ କରିଛି ।ରୁଟୋ କହିଛନ୍ତି ଯେ, କେନିଆ କାର୍ଯ୍ୟଭାର ନେବା ପାଇଁ ନୂତନ ନିବେଶକଙ୍କୁ ଖୋଜିବ । ଟାଟା ୧୦୦ ବର୍ଷ ଧରି ଖଣି ଅଧିକାର ରଖିଛି କିନ୍ତୁ ଏହା କାଜିଆଡୋରେ କିଛି ନିର୍ମାଣ କରିନାହିଁ । ରୁଟୋ ଦକ୍ଷିଣ କେନିଆର ମାଗାଡି ଗସ୍ତ ସମୟରେ ଏହା କହିଥିଲେ । ରୁଟୋ କହିଛନ୍ତି ଯେ, ସରକାର ଦୁଇଟି ନୂତନ କମ୍ପାନି ଆଣିବାକୁ ଯୋଜନା କରିଛନ୍ତି । ଗୋଟିଏ ଖଣିଜ ପଦାର୍ଥକୁ କାଚରେ ପ୍ରକ୍ରିୟାକରଣ କରିବ ଓ ଅନ୍ୟ ଗୋଟିଏ କାଜିଆଡୋରେ ରାସାୟନିକ ପଦାର୍ଥ ପ୍ରସ୍ତୁତ କରିବ । ସେମାନେ କାଜିଆଡୋରେ ବଡ଼ କାଚ କମ୍ପାନୀ ଓ ରାସାୟନିକ ପଦାର୍ଥ ତିଆରି କରିବା ପାଇଁ ଆଉ ଏକ କମ୍ପାନୀ ସ୍ଥାପନ କରିବା ଉଚିତ । ଆମେ କ'ଣ ଅନ୍ୟମାନଙ୍କର ଦାସ ବୋଲି କହିଛନ୍ତି ।ଅନ୍ୟପକ୍ଷରେ ଟାଟା



କେମିକାଲ୍ସ ଶୁକ୍ରବାର କହିଛି ଯେ, ଏହାପୂର୍ବ ଆଫ୍ରିକୀୟ ଦେଶର ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଓ ରହିଯାଇଥିବା ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧ ।

# ହର୍ମୁଜ ସଙ୍କଟରେ ବଡ଼ ପରିବର୍ତ୍ତନ; ଇରାକର ତେଲ ପାଇଁ ସିରିଆ ତିଆରି କଲା ବିକଳ୍ପ ରାସ୍ତା

**ନୂଆଦିଲ୍ଲୀ,୪ ।୯ (ଏଜେନ୍ସି):** ଆମେରିକା ଓ ଇରାନ୍ ମଧ୍ୟରେ ଯୁଦ୍ଧ ଚାଲିଛି । ଯେଉଁଥିପାଇଁ ସବୁଠାରୁ ବ୍ୟସ୍ତବହୁଳ ଜଳ ମାର୍ଗ ହର୍ମୁଜ ପ୍ରଣାଳୀ ବନ୍ଦ କରିଦେଉଛି ଇରାନ୍ । ଯାହାଫଳରେ ସମଗ୍ର ବିଶ୍ୱରେ ତୈଳ ସଙ୍କଟ ଦେଖାଦେଇଛି । ଏବେ ଏହି ଟେନ୍‌ସନ୍‌ରୁ ମିଳିଲା ମୁକ୍ତି । ହର୍ମୁଜ ପ୍ରଣାଳୀ ବନ୍ଦ ରହିଲେ ମଧ୍ୟ ତେଲ ଓ ଗ୍ୟାସ ଯୋଗାଣ ବନ୍ଦ ହେବନି । ଏଥିପାଇଁ ସିରିଆ ଖୋଜିଛି ଏକ ବିକଳ୍ପ ରାସ୍ତା । ଇରାକରୁ ତେଲ ନେଇ ସିରିଆ ଦେଇ ୟୁରୋପରେ ପହଞ୍ଚିବ ତେଲ ଓ ଗ୍ୟାସ । ଏହି ନୂଆ ରାସ୍ତାର ପରୀକ୍ଷାମୂଳକ ଚଳାଚଳ ଆରମ୍ଭ ହୋଇସାରିଛି ।ରିପୋର୍ଟ ଅନୁସାରେ, ନୂଆ ରୁଟ୍ ଦେଇ ପ୍ରତିଦିନ ପ୍ରାୟ ୫,୦୦୦ ଗାଡ଼ି ଯାତାୟାତ କରୁଛି । ଆଗାମୀ ଦିନରେ ଏହାର କ୍ଷମତାକୁ ଆହୁରି ବଢ଼ାଇବାକୁ ଯୋଜନା ରହିଛି । ଯଦି ଏହି ଯୋଜନା ସଫଳ ହୁଏ, ତେବେ ଏହା କେବଳ ଇରାକ ଓ ସିରିଆ ପାଇଁ ନୁହେଁ, ଭାରତ ଭଳି ତେଲ ଆମଦାନୀକାରୀ ଦେଶ ପାଇଁ ମଧ୍ୟ ପରୋକ୍ଷ ଭାବେ ଲାଭଦାୟକ ହୋଇପାରେ ।ଇରାକର ବସରା ପୋର୍ଟରୁ ଏହି ରୁଟ୍‌ର ଆରମ୍ଭ ହୋଇଛି । ବସରାରୁ ତେଲ ଓ ଗ୍ୟାସ୍ ନେଇ ଟ୍ରକ୍ ଗୁଡ଼ିକ ଇରାକର ବାଗଦାଦ ଓ ହାଦିଥା ଅଞ୍ଚଳ ଦେଇ ଆଗକୁ ବଢ଼ିବେ । ଏହାପରେ ଟ୍ରକ୍‌ଗୁଡ଼ିକ ଇରାକ ସୀମା ପାର କରି ସିରିଆରେ ପ୍ରବେଶ କରିବେ । ସିରିଆର ତଦମୁର, ହୋମ୍ସ ଓ ଟାର୍ଟସ୍ ଦେଇ ତେଲ ଏବଂ ଗ୍ୟାସ୍ ବୋଝେଇ ଗାଡ଼ି ଗୁଡ଼ିକ ବନିଆସ ପୋର୍ଟରେ ପହଞ୍ଚିବେ । ବନିଆସ୍ ପୋର୍ଟରୁ ତେଲ ଓ ଗ୍ୟାସ୍ ଜାହାଜ ଯୋଗେ ଭୂମଧ୍ୟ ସାଗର ଦେଇ ୟୁରୋପକୁ ପଠାଯିବ । ଅର୍ଥାତ୍, ହର୍ମୁଜ୍ ଷ୍ଟ୍ରେଟ୍ ଉପରେ ନିର୍ଭର ନକରି ଇରାକର ତେଲକୁ ଅନ୍ୟ ଏକ ରାସ୍ତାରେ ୟୁରୋପୀୟ ବଜାରକୁ ପହଞ୍ଚାଇବାର ଚେଷ୍ଟା ହେଉଛି । ଇରାକ ପକ୍ଷରୁ ଏହି ରୁଟ୍‌କୁ ଆହୁରି ବିସ୍ତାର କରିବା ପାଇଁ ଅଗଷ୍ଟରେ ଏକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଥିବା ଦାବି କରାଯାଇଛି । ଖୁବ୍‌ଶୀଘ୍ର ଏହାକୁ କାର୍ଯ୍ୟକାରୀ କରିବା ନେଇ ଯୋଜନା ରହିଛି । ଏହି ପଦକ୍ଷେପ ପଛରେ ଆଉ ଏକ ବଡ଼ ରାଜନୈତିକ ସମୀକରଣ ମଧ୍ୟ ରହିଛି । ସିରିଆର ନୂଆ ସରକାରକୁ ଇରାନ ବିରୋଧୀ ଭାବେ ଦେଖାଯାଉଥିବା ବେଳେ ଇରାକର ନୂଆ ସରକାର ମଧ୍ୟ ଇରାନର ପ୍ରଭାବକୁ ନେଇ ଅସନ୍ତୁଷ୍ଟ ବୋଲି ରିପୋର୍ଟରେ କୁହାଯାଇଛି । ଇରାନ ଓ ଆମେରିକା ମଧ୍ୟରେ ଯୁଦ୍ଧ ପୂର୍ବରୁ ହର୍ମୁଜ୍ ପ୍ରଣାଳୀ ଦେଇ ପ୍ରତିଦିନ ପ୍ରାୟ ୧୦୦ରୁ ୧୨୦ଟି ଜାହାଜ ତେଲ ଓ ଗ୍ୟାସ୍ ନେଇ ଯାତାୟାତ କରୁଥିଲା । ବିଶ୍ୱର ପ୍ରାୟ ୨୫ ପ୍ରତିଶତ ତେଲ ଓ ଗ୍ୟାସ୍ ଯୋଗାଣ ଏହି ରାସ୍ତା ଉପରେ ନିର୍ଭର କରୁଥିଲା । କିନ୍ତୁ ଯୁଦ୍ଧ ପରିସ୍ଥିତିରେ ହର୍ମୁଜ ଦେଇ ତେଲ ଓ ଗ୍ୟାସ୍ ପରିବହନ ପ୍ରାୟ ଠପ ହୋଇଯାଇଛି । ବର୍ତ୍ତମାନ କେବଳ ପ୍ରାୟ ୧୫ରୁ ୨୦ଟି ଛୋଟ ତେଲ ଟ୍ୟାଙ୍କର ଏହି ରାସ୍ତା ଦେଇ ଯାଇପାରୁଥିବା କୁହାଯାଉଛି ।

## ଶ୍ରୀନଗର ବିମାନବନ୍ଦରରେ ଅଘଟଣ
# ପାର୍କିଂ ବେଳେ ଖୁଣ୍ଟରେ ପିଟିହେଲା ଇଣ୍ଡିଗୋ ବିମାନ

**ନୂଆଦିଲ୍ଲୀ,୪ ।୯ (ଏଜେନ୍ସି):** ଶ୍ରୀନଗର ବିମାନବନ୍ଦରରେ ଶୁକ୍ରବାର ସକାଳେ ଏକ ବଡ଼ ଧରଣର ଅଘଟଣରୁ ବର୍ତ୍ତିଯାଇଛନ୍ତି ବିମାନ ଯାତ୍ରୀ । ନବୀ ମୁମ୍ବାଇରୁ ଶ୍ରୀନଗର ପହଞ୍ଚିଥିବା ଇଣ୍ଡିଗୋର ଏକ ବିମାନ ପାର୍କିଂ ହେବା ସମୟରେ ଭିଜୁଆଲ୍ ଡକିଂ ଗାଇଡାନ୍ସ ସିଷ୍ଟମ୍ (ଭିଡିଜିଏସ୍) ଖୁଣ୍ଟ ସହ ପିଟି ହୋଇଯାଇଥିଲା । ତେବେ ଏହି ଦୁର୍ଘଟଣାରେ ବିମାନରେ ଥିବା ସମସ୍ତ ଯାତ୍ରୀ ଓ କ୍ରିୟୁ ସଦସ୍ୟ ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ନେଇ ସଂପୃକ୍ତ ବିମାନ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି ।ଇଣ୍ଡିଗୋ ପକ୍ଷରୁ ଜାରି ବିବୃତି ଅନୁଯାୟୀ, ଶୁକ୍ରବାର ସକାଳ ପ୍ରାୟ ୯:୦୨ ମିନିଟରେ ଇଣ୍ଡିଗୋ ଫ୍ଲାଇଟ୍ '୬ଇ୨୨୫' ଶ୍ରୀନଗର ବିମାନବନ୍ଦରର ବେ'' ନମ୍ବର ୦୬ରେ ପାର୍କିଂ ପାଇଁ ଯାଉଥିବା ସମୟରେ ଏହି ଘଟଣା ଘଟିଥିଲା । ଦୁର୍ଘଟଣା ପରେ ତୁରନ୍ତ ମାନୁଆଲ୍ ସିଡ଼ି ବ୍ୟବହାର କରି ସମସ୍ତ ଯାତ୍ରୀଙ୍କୁ ବିମାନରୁ ସୁରକ୍ଷିତ ଭାବେ ଓହ୍ଲାଯାଇଥିଲା । ଏହି ଅଘଟଣରେ କାହାରିକୁ କୌଣସି ଆଘାତ ଲାଗିନାହିଁ । ଏହି ଘଟଣାର କାରଣ ସମ୍ପର୍କରେ ଉପଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା ଅନୁଧ୍ୟାନ ଓ ତଦନ୍ତ କରାଯିବ । ସମ୍ପୂର୍ଣ୍ଣ ତଦନ୍ତ ଶେଷ ହେବା ପରେ ହିଁ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସଂସ୍ଥା କହିଛି ।

# ତ୍ରିଶୂଳୀ ସୁଡ଼ଙ୍ଗରୁ ଜୀବନ୍ତ ଉଦ୍ଧାର ହେଲେ ୨ ଶ୍ରମିକ

**ନୂଆଦିଲ୍ଲୀ,୪ ।୯ (ଏଜେନ୍ସି):** ନେପାଳରେ ଭୟଙ୍କର ବନ୍ୟା ଓ ବିପର୍ଯ୍ୟୟର ୯ ଦିନ ପରେ ରସୁୱା ଜିଲ୍ଲାର ତ୍ରିଶୂଳୀ-୩''ଏ'' ଜଳବିଦ୍ୟୁତ ପ୍ରକଳ୍ପ ସୁଡ଼ଙ୍ଗ ଭିତରୁ ଜୀବନ୍ତ ଅବସ୍ଥାରେ ୨ ଜଣ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି । କାଦୁଅ ଓ ଆବର୍ଜନା ତଳେ ପୋତି ହୋଇ ରହିଥିବା ଏହି ସୁଡ଼ଙ୍ଗରୁ ଜୀବନ୍ତ ଉଦ୍ଧାର ହୋଇଥିବା ଶ୍ରମିକ ଦ୍ୱୟ ହେଲେ କବୀର ମହର୍ଜନ (୪୫) ଏବଂ ସଞ୍ଜୟ ଶାହା (୩୦) । ସଞ୍ଜୟ ନେପାଳ ବିଦ୍ୟୁତ୍ ପ୍ରାଧିକରଣର ମେକାନିକାଲ୍ ଫୋରମ୍ୟାନ୍ ହୋଇଥିବା ବେଳେ କବୀର ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ । ଉଦ୍ଧାରକାରୀ ଦଳ



ସେମାନଙ୍କୁ କାଦୁଅ ଭିତରୁ କାଢ଼ି ଷ୍ଟ୍ରେଚରରେ ନେଉଥିବା ବେଳେ ଫସି ରହିଥିବା ଅନ୍ୟ ଶ୍ରମିକଙ୍କ ପରିବାର ମଧ୍ୟରେ ବଞ୍ଚିବାର ଆଶା ବୃଦ୍ଧି ପାଇଛି । ନେପାଳ ଗୃହମନ୍ତ୍ରୀ ସୁଦନ ଗୁରୁଙ୍ଗ ଏହି ସୂଚନା ନିଶ୍ଚିତ କରିଥିବା ବେଳେ ଉଦ୍ଧାର ଶ୍ରମିକଙ୍କ ପରିବାରରେ ଆନନ୍ଦର ଲହରୀ ଖେଳିଯାଇଛି ।

# ସୋନିଆ ଗାନ୍ଧୀଙ୍କ ମେମୋଏର୍ ଛାପିବ ହାର୍ପରକଲିନ୍ସ

**ନୂଆଦିଲ୍ଲୀ,୪ ।୯ (ଏଜେନ୍ସି):** କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀଙ୍କ ମେମୋଏର୍ 'ବିଲଙ୍ଗିଂ: ଏ ଜର୍ନି ଅଫ୍ ଲଭ୍'ର ପ୍ରକାଶନରୁ ପେଙ୍ଗୁଇନ୍ ରାଣ୍ଡମ୍ ହାଉସ୍ ଇଣ୍ଡିଆ ହଟିବା ପରେ ବିବାଦ ଦେଖାଯାଇଥିଲା । ତେବେ ହାର୍ପରକଲିନ୍ସ ଇଣ୍ଡିଆ ଏହି ମେମୋଏର୍ ପ୍ରକାଶ କରିବ ବୋଲି ଶୁକ୍ରବାର ଘୋଷଣା କରିଛି । 'ବିଲଙ୍ଗିଂ: ଏ ଜର୍ନି ଅଫ୍ ଲଭ୍' ନଭେମ୍ବର ୧୦ ତାରିଖରେ ବିଶ୍ୱବ୍ୟାପୀ ମୁକ୍ତିଲାଭ କରିବ । ଏଥିରେ ଯୁଦ୍ଧ ପରବର୍ତ୍ତୀ ଇଟାଲୀରେ ସୋନିଆ ଗାନ୍ଧୀଙ୍କ ପିଲାଦିନରୁ ଭାରତରେ ତାଙ୍କ ଜୀବନ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ସହ ତାଙ୍କ ବିବାହ ଓ ଭାରତୀୟ ରାଜନୀତିର କେନ୍ଦ୍ରରେ ତାଙ୍କ ଦଶନ୍ଧି ଧରି ରହିଥିବା ଯାତ୍ରାର ବର୍ଣ୍ଣନା କରାଯାଇଛି ।କଂଗ୍ରେସ ନେତ୍ରୀଙ୍କ କାର୍ଯ୍ୟକୁ 'ଆମ ସମୟର ସବୁଠାରୁ ପ୍ରତୀକ୍ଷିତ ରାଜନୈତିକ ମେମୋରଏର୍ ମଧ୍ୟରୁ ଗୋଟିଏ' ବୋଲି ଅଭିହିତ କରି ହାର୍ପରକଲିନ୍ସ କହିଛନ୍ତି ଯେ, ଏହି ପୁସ୍ତକ ଭାରତର ଯାତ୍ରାର ଏକ ବିରଳ ଅନ୍ତର୍ନିହିତ ଦୃଷ୍ଟିକୋଣ ପ୍ରଦାନ କରେ । ପେଙ୍ଗୁଇନ୍ ଇଣ୍ଡିଆ ଭାରତରେ ପୁସ୍ତକ ପ୍ରକାଶ ନକରିବାକୁ ନିଷ୍ପତ୍ତି ନେବା ପରେ ଏହି ବିକାଶ ଘଟିଛି । ରିପୋର୍ଟ ଅନୁଯାୟୀ ପେଙ୍ଗୁଇନ୍ ଇଣ୍ଡିଆ ମୂଳ ଲେଖାର କିଛି ଅଂଶରେ ସମ୍ପାଦକୀୟ ପରିବର୍ତ୍ତନ ଓ ବିଲୋପ୍ସ ଚାହୁଁଥିଲେ, ଯେଉଁଥିପାଇଁ ସୋନିଆ ଗାନ୍ଧୀ ରାଜି ହୋଇ ନଥିଲେ ।

# ଡିଜିଟାଲ ଆରେଷ୍ଟ ମାମଲାରେ ୨୦ ରାଜ୍ୟର ୮୯ଟି ସ୍ଥାନରେ ସିବିଆଇ ଚଢ଼ାଉ: ୩ ଗିରଫ

**ନୂଆଦିଲ୍ଲୀ,୪ ।୯ (ଏଜେନ୍ସି):** କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଡିଜିଟାଲ୍ ଆରେଷ୍ଟ ସିଣ୍ଡିକେଟ୍ ଉପରେ ଦେଶବ୍ୟାପୀ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି । ଅପରେସନ୍ ଚକ୍ର-୬ ଅନ୍ତର୍ଗତ ତିନୋଟି ପ୍ରମୁଖ ମାମଲାରେ ୨୦ଟି ରାଜ୍ୟର ୮୯ଟି ସ୍ଥାନରେ ଚଢ଼ାଉ କରିଛି । ଏଜେନ୍ସି ଏହି ମାମଲାରେ ତିନି ଜଣଙ୍କୁ ଗିରଫ କରିଛି । ସିବିଆଇ କହିଛି ଯେ, ସୁପ୍ରିମକୋର୍ଟ ଏପରି ଅପରାଧରେ ସମ୍ପୃକ୍ତ ବ୍ୟକ୍ତି ଓ ସେମାନଙ୍କୁ ସହାୟତା କରୁଥିବା ବ୍ୟାପକ ନେଟୱାର୍କ ବିରୋଧରେ ମିଳିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବିଭିନ୍ନ ରାଜ୍ୟରୁ ଡିଜିଟାଲ ଆରେଷ୍ଟ ସହିତ ଜଡିତ ଅନେକ ମାମଲାରେ ସିବିଆଇ ନିଜ ହସ୍ତକ୍ଷେପ କରିଛି । ସଦ୍ୟତମ ଅଭିଯାନରେ ଅନ୍ତର୍ଭୁକ୍ତ ତିନୋଟି ମାମଲାରେ ପୀଡିତମାନଙ୍କୁ ଗୋଟିଏରୁ ତିନି ମାସ ପର୍ଯ୍ୟନ୍ତ ଡିଜିଟାଲ ଗିରଫଦାରୀରେ ରଖାଯାଇଥିଲା ଓ ସାମୂହିକ ଭାବରେ ୪୨.୩୬ କୋଟି ଟଙ୍କା ଠକେଇ କରାଯାଇଥିଲା ।ଏହି ମାମଲାଗୁଡ଼ିକ ମଧ୍ୟରୁ ଗୋଟିଏ ବିଟ୍ସ ପିଲାନି ସହିତ ଜଡିତ, ଯେଉଁଠାରେ ଜଣେ ପୀଡିତଙ୍କୁ ତିନି ମାସ ପାଇଁ ଡିଜିଟାଲ ଆରେଷ୍ଟ କରାଯାଇଥିଲା ଏବଂ ଠକମାନେ ନିଜକୁ ପୁଲିସ ଅଧିକାରୀ ବୋଲି ପରିଚୟ ଦେଇ ୭.୬୭ କୋଟି ଟଙ୍କା ଠକେଇ କରିଥିଲେ । ଗୁଜରାଟରେ ଅନ୍ୟ ଏକ ମାମଲାରେ, ଠକମାନେ ଜଣେ ପୀଡିତଙ୍କୁ ତିନି ମାସ ପାଇଁ ଡିଜିଟାଲ ଆରେଷ୍ଟ କରିଥିଲେ ଏବଂ ପୁଲିସ ଅଧିକାରୀ ଭାବରେ ପରିଚୟ ଦେଇ ୧୯.୨୪ କୋଟି ଟଙ୍କା ଠକେଇ କରିଥିଲେ ।

# ଏବେ ୬୦ ନୁହେଁ ୬୨ ବର୍ଷରେ ରିଟାୟାର୍ଡ ହେବେ ଜଜ୍
## ୭ ରାଜ୍ୟଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୪ ।୯ (ଏଜେନ୍ସି):** ସୁପ୍ରିମକୋର୍ଟ ୭ ରାଜ୍ୟ ସରକାରଙ୍କୁ ଜଜଙ୍କ ରିଟାୟାରମେଣ୍ଟ ବୟସ ୬୦ରୁ ବଢ଼ାଇ ୬୨ ବର୍ଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ଭି.ମୋହନାଙ୍କ ବେଞ୍ଚ କହିଛନ୍ତି ଯେ ଏହି ୭ ରାଜ୍ୟରେ ଯେଉଁ ଜୁଡିସିଆଲ ଅଧିକାରୀ ୩୧ ମାର୍ଚ୍ଚ ଅଥବା ଏହା ପରେ ରିଟାୟାର ହୋଇଛନ୍ତି ସେମାନଙ୍କୁ ଜୁଡିସିଆଲ ଅଫିସରେ ପୁଣି ଯୋଗ ଦେବାକୁ ଅପସନ ଦିଆଯିବ ।ବେଞ୍ଚ କହିଛନ୍ତି ଯେ ଯେଉଁ ରାଜ୍ୟମାନେ ଜୁଡିସିଆଲ ଅଫିସରଙ୍କ ଅବସର ବୟସ ବଢାଇବା ପାଇଁ ରାଜି ହୋଇଛନ୍ତି ଯେପରି ଛତିଶଗଡ଼, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ସିକ୍କିମ, ତାମିଲନାଡୁ ଓ ପଶ୍ଚିମବଙ୍ଗ ଆଦି ରାଜ୍ୟଙ୍କୁ ସର୍ଭିସ ନିୟମରେ ପରିବର୍ତ୍ତନ କରିବାକୁ ଓ ଜୁଡିସିଆଲ ସର୍ଭିସରେ ଅବସର ବୟସ ୬୦ ବଦଳେ ୬୨ ବର୍ଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ତେବେ ଅବସର ବୟସ ବଢାଇବା ପୂର୍ବରୁ ସମ୍ବନ୍ଧିତ ଜୁଡିସିଆଲ ଅଫିସରଙ୍କ ବୟସ ୬୦ ବର୍ଷ ହେବା ପରେ ହାଇକୋର୍ଟ ତାଙ୍କ ଉପଯୁକ୍ତତାର ଆସେସମେଣ୍ଟ କରିବେ । ବେଞ୍ଚ କହିଛନ୍ତି ଯେ ନିୟମ ବଦଳିବା ପର୍ଯ୍ୟନ୍ତ ଏହି ସବୁ ରାଜ୍ୟରେ କୌଣସି ଜୁଡିସିଆଲ ଅଫିସର ଯିଏ ୬୦ ବର୍ଷ ବୟସ ପୂରଣ କରିଛନ୍ତି ସେ ୬୨ ବର୍ଷ ନ ହେବା ପର୍ଯ୍ୟନ୍ତ ଅବସର ନେଇ ପାରିବେ ନାହିଁ । ତେବେ ତାଙ୍କ ଅବସର ସମ୍ବନ୍ଧିତ ହାଇକୋର୍ଟଙ୍କ ଉପଯୁକ୍ତତା ଆସେସମେଣ୍ଟ ଉପରେ



ନିର୍ଭର କରିବ । ସୁପ୍ରିମକୋର୍ଟ ଆନ୍ଧ୍ରପ୍ରଦେଶ, ଅରଣାଚଳ ପ୍ରଦେଶ, ଆସାମ, ବିହାର, ଗୋଆ, ଗୁଜରାଟ, ହରିୟାଣା, ହିମାଚଳ ପ୍ରଦେଶ, ଝାଡଖଣ୍ଡ, କେରଳ, ମଣିପୁର, ମେଘାଳୟ., ମିଜୋରାମ, ନାଗାଲ୍ୟାଣ୍ଡ, ଓଡ଼ିଶା, ପଞ୍ଜାବ, ରାଜସ୍ଥାନ, ତେଲେଙ୍ଗାନା, ତ୍ରିପୁରା, ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ଏନସିଟି ଦିଲ୍ଲୀ, ଜମ୍ମୁ ଓ କାଶ୍ମୀର ଏବଂ ପୁଡୁଚେରୀକୁ ଜୁଡିସିଆଲ ଅଫିସରଙ୍କ ଅବସର ବୟସ ବଢାଇବା ପାଇଁ ସେମାନଙ୍କ ନିଷ୍ପତ୍ତିର ପୁନର୍ବିଚାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟ ଏହି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶଙ୍କୁ ୨ ସପ୍ତାହ ମଧ୍ୟରେ ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବାକୁ ଓ ଏକ କମ୍ପ୍ଲାଏନ୍ସ ରିପୋର୍ଟ ଜମା କରିବାକୁ କହିଛନ୍ତି ।

# ଅଖିଳେଶ - ସିଜେପି ମଧ୍ୟରେ ବୈଠକ

**ନୂଆଦିଲ୍ଲୀ,୪ ।୯ (ଏଜେନ୍ସି):** କକ୍ରୋଚ ଜନତା ପାର୍ଟି (ସିଜେପି) ପ୍ରବକ୍ତା ଆଶୁତୋଷ ରାଙ୍କା ଗୁରୁବାର ସମାଜବାଦୀ ପାର୍ଟି (ଏସ୍‌ପି) ଅଧ୍ୟକ୍ଷ ଅଖିଳେଶ ଯାଦବଙ୍କୁ ଲକ୍ଷ୍ନୌରେ ଭେଟିଥିଲେ । ଏହି ଆଲୋଚନାକୁ ନେଇ ବିଭିନ୍ନ ମହଲରେ ଆଲୋଚନା ହେଉଛି । ଆସନ୍ତାବର୍ଷ ଉତ୍ତର ପ୍ରଦେଶରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଏହି ବୈଠକ ଗୁରୁତ୍ୱ ବହନ କରୁଛି ବୋଲି କୁହାଯାଉଛି । ସିଜେପି ବିଧାନସଭା ନିର୍ବାଚନରେ ସମାଜବାଦୀ ପାର୍ଟିକୁ ସହଯୋଗ କରିବ କି ବୋଲି ଚର୍ଚ୍ଚା ହେଉଛି । ଅନ୍ୟପକ୍ଷରେ ସମାଜବାଦୀ ପାର୍ଟି ଓ ସିଜେପି ଏହାକୁ କେବଳ ସୌଜନ୍ୟମୂଳକ ସାକ୍ଷାତ ବୋଲି କହିଛନ୍ତି ।ସମାଜବାଦୀ ପାର୍ଟି ନେତା ଫଖରୁଲ ହସନ କହିଛନ୍ତି, ଅଖିଳେଶ ଯାଦବ ଓ ଆଶୁତୋଷଙ୍କ ମଧ୍ୟରେ



ପ୍ରାୟ ଦେଢ ଘଣ୍ଟା ଧରି ଆଲୋଚନା ହୋଇଥିଲା । ସିଜେପି ନେତା କେବଳ ଧନ୍ୟବାଦ ଦେବାକୁ ଆସିଥିଲେ । ଯନ୍ତର ମନ୍ତରଠାରୁ ସିଜେପି ଆନ୍ଦୋଳନକୁ ସମାଜବାଦୀ ପାର୍ଟି ଯେପରି ବୁଝିଥିଲା ଓ ଜାତୀୟ ସ୍ତରରେ ଏହାକୁ ସମର୍ଥନ ଜଣାଇଥିଲା ସେଥିପାଇଁ ଆଶୁତୋଷ ଧନ୍ୟବାଦ ଜଣାଇବାକୁ ଆସିଥିଲେ । ହସନ କହିଛନ୍ତି, ସିଜେପିର କୌଣସି ବି ରାଜନୈତିକ ନିଷ୍ପତ୍ତିକୁ ନେଇ ସମାଜବାଦୀ ପାର୍ଟି କୌଣସି ଟିପ୍ପଣୀ ଦେବାକୁ ଚାହୁଁନାହିଁ ।ସମାଜବାଦୀ ପାର୍ଟିର ପ୍ରବକ୍ତା ରାଜେନ୍ଦ୍ର ଚୌଧୁରୀ କହିଛନ୍ତି, ଏହି ଆଲୋଚନା ବେଳେ ଯୁବବର୍ଗ, ବେରୋଜଗାରୀ ଓ ସ୍କୁଲ ଶିକ୍ଷା ସ୍ଥିତି ଉପରେ ଆଲୋଚନା ହୋଇଥାଇ ପାରେ । ବୈଠକ ପରେ ରାଙ୍କା ଗଣମାଧ୍ୟମ ସହିତ କୌଣସି କଥା ନହୋଇ ଚାଲି ଯାଇଥିଲେ । ସମାଜବାଦୀ ପାର୍ଟି ପକ୍ଷରୁ ମଧ୍ୟ ଏହି ବୈଠକର ଉଦ୍ଦେଶ୍ୟ ଓ ନିଷ୍ପତ୍ତି ସମ୍ପର୍କରେ କିଛି କୁହାଯାଇ ନଥିଲା । ସୂତ୍ର ଅନୁଯାୟୀ, ଅଖିଳେଶ ଓ ଆଶୁତୋଷ ଛାତ୍ରଛାତ୍ରୀଙ୍କ ପ୍ରସଙ୍ଗ ସହିତ ଜେନ୍ ଜି ଓ ଜେନ୍ ଆଲ୍‌ଫାଙ୍କ ବିଷୟରେ ମଧ୍ୟ କଥାବାର୍ତ୍ତା ହୋଇଥାଇ ପାରନ୍ତି ।

# ନେପାଳ ପ୍ରଳୟଙ୍କରୀ ବନ୍ୟା : ୬୦୦ ଶିଶୁ ନିଖୋଜ

**ନୂଆଦିଲ୍ଲୀ,୪ ।୯ (ଏଜେନ୍ସି):** ପ୍ରଳୟଙ୍କରୀ ବନ୍ୟା ନେପାଳରେ ବ୍ୟାପକ ଧନଜୀବନ ହାନି କରିଛି । ଏହି ବିପର୍ଯ୍ୟୟରେ ଶୁକ୍ରବାର ସୁଦ୍ଧା ମୃତ୍ୟୁସଂଖ୍ୟା ୧,୨୮୨ରେ ପହଞ୍ଚିଥିବା ବେଳେ ୪,୭୦୦ରୁ ଊର୍ଦ୍ଧ୍ୱ ଲୋକ ଏବେ ବି ନିଖୋଜ ଅଛନ୍ତି । ବିଶେଷ କରି ମଧ୍ୟ ନେପାଳର ରସୁୱା ଓ ନୁୱାକୋଟ୍ ଜିଲ୍ଲାରୁ ପ୍ରାୟ ୬୦୦ ଶିଶୁଙ୍କର କୌଣସି ପତ୍ତା ମିଳୁନାହିଁ ।ସରକାରୀ ଆକଳନ ଅନୁଯାୟୀ, ରସୁୱାରେ ପ୍ରାୟ ୨୮୦ ଜଣ ଏବଂ ପଡ଼ୋଶୀ ନୁୱାକୋଟ୍ ଜିଲ୍ଲାରେ ୩୦୦ରୁ ୩୫୦ ଜଣ ସ୍କୁଲ ଛାତ୍ରଛାତ୍ରୀ ନିଖୋଜ ରହିଛନ୍ତି । ନୁୱାକୋଟର ବିଦୁର ପୌରପାଳିକାରୁ ହିଁ କେବଳ ୨୫୦ ଶିଶୁ ନିଖୋଜ ଥିବା ସୂଚନା ମିଳିଛି ।ଯୋଗାଯୋଗ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବାରୁ ପ୍ରଧାନଶିକ୍ଷକମାନେ ସଠିକ୍ ତଥ୍ୟ ଦେବାରେ ଅସମର୍ଥ ହେଉଛନ୍ତି । ଶିକ୍ଷା ଅଧିକାରୀଙ୍କ କହିବା



ଅନୁଯାୟୀ, କେତେକ ସ୍ଥାନରେ ଜୀବିତ ବାପାମା ନିଜ ନିଖୋଜ ସନ୍ତାନକୁ ଖୋଜୁଥିବା ବେଳେ ଅନ୍ୟ କେତେକ ସ୍ଥାନରେ ସୁରକ୍ଷିତ ଥିବା ପିଲାମାନେ ନିଜ ନିଖୋଜ ବାପାମାଙ୍କୁ ଖୋଜୁଛନ୍ତି । ଏହି ପ୍ରକୃତିର ତାଣ୍ଡବରେ କେବଳ ପିଲା ନୁହନ୍ତି, ବରଂ ୨୨ ଜଣ ଶିକ୍ଷକ ଓ ସ୍କୁଲ କର୍ମଚାରୀ ମଧ୍ୟ ନିଖୋଜ ଅଛନ୍ତି । ରସୁୱାରୁ ୧୬ ଜଣ ଓ ନୁୱାକୋଟରୁ ୬ ଜଣ ଶିକ୍ଷକ ନିଖୋଜ ଥିବା ସ୍ପଷ୍ଟ ହୋଇଛି । ଧାଡିଂ ଓ ଗୋର୍ଖା ଜିଲ୍ଲାରୁ ରସୁୱାକୁ ତୀର୍ଥଯାତ୍ରାରେ ଆସିଥିବା କେତେକ ଶିକ୍ଷକ ମଧ୍ୟ ଏହି ବନ୍ୟା ସ୍ରୋତରେ ଭାସିଯାଇଛନ୍ତି । ନେପାଳ ପୋଲିସର ତଥ୍ୟ ଅନୁଯାୟୀ ଚିତୱାନରୁ ୩୫୯, ନୱାଲପରାସୀ ପୂର୍ବରୁ ୨୧୮, ନୱାଲପରାସୀ ପଶ୍ଚିମରୁ ୨୦୮, ନୁୱାକୋଟରୁ ୧୮୫, ରସୁୱାରୁ ୧୪୦, ଗୋର୍ଖାରୁ ୭୨, ଧାଡିଂରୁ ୬୦ ଏବଂ ତାନାହୁରୁ ୩୮ଟି ମୃତଦେହ ଉଦ୍ଧାର କରାଯାଇଛି ।

# ଭାରତୀୟ କମ୍ପାନୀ ସହିତ ୭୭୦ କୋଟିର ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷର

**ନୂଆଦିଲ୍ଲୀ,୪ ।୯ (ଏଜେନ୍ସି):** ୟୁକ୍ରେନକୁ ସମର୍ଥନ କରିବା ପାଇଁ ୭୦ ନିୟୁତ ୟୁରୋ (୭୬୮.୫୦ କୋଟି ଟଙ୍କାରୁ ଅଧିକ)ର ଗୋଳାବାରୁଦ ଚୁକ୍ତି ଏକ ଭାରତୀୟ ମାଲିକାନାରେ ଥିବା କମ୍ପାନୀ ସହିତ ଜଡିତ କ୍ରୟ ଦୁର୍ନୀତିରେ ଫସିଯିବା ପରେ ଏଷ୍ଟୋନିଆର ପ୍ରତିରକ୍ଷା ମନ୍ତ୍ରୀ ହାନୋ ପେଭକୁର ଇସ୍ତଫା ଦେଇଛନ୍ତି । ୨୦୨୨ ମସିହାରୁ ପ୍ରତିରକ୍ଷା ମନ୍ତ୍ରୀ ଭାବରେ କାର୍ଯ୍ୟ କରୁଥିବା ପେଭ୍‌କୁର ବୁଧବାର ତାଙ୍କ ଇସ୍ତଫା ଘୋଷଣା କରି କହିଛନ୍ତି ଯେ, ସେ ଏଷ୍ଟୋନିଆର ଜାତୀୟ ଅଡିଟ୍ କାର୍ଯ୍ୟାଳୟ ଦ୍ୱାରା ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିର୍ଣ୍ଣୟ ପରେ ପ୍ରତିରକ୍ଷା ଚୁକ୍ତିର ଦାୟିତ୍ୱ ନେଇ ଇସ୍ତଫା ଦେଉଛନ୍ତି । ପ୍ରତିରକ୍ଷା କ୍ରୟ ଦୁର୍ନୀତିରେ ଫସିବା ପରେ ଏଷ୍ଟୋନିଆର ପ୍ରତିରକ୍ଷା ମନ୍ତ୍ରୀ ହାନୋ ପେଭକୁର ଇସ୍ତଫା ଦେଇଛନ୍ତି । ୟୁରୋପୀୟ ସଂଘ ଦ୍ୱାରା ଅନୁଦାନପ୍ରାପ୍ତ ୭୦ନିୟୁତ ୟୁରୋ (ପ୍ରାୟ ୭୭୦ କୋଟି) ପ୍ରତିରକ୍ଷା ଚୁକ୍ତି ୟୁକ୍ରେନକୁ ସହାୟତା କରିବା ପାଇଁ ଗୋଳାବାରୁଦ କ୍ରୟ କରିବା ପାଇଁ ହୋଇଥିଲା ।ଏଥିରେ ଏକ ଭାରତୀୟ ମାଲିକାନାରେ ଥିବା କମ୍ପାନୀ ସାମିଲ ଥିଲା । ୨୦୨୨ ମସିହାରୁ ଏଷ୍ଟୋନିଆର ପ୍ରତିରକ୍ଷା ମନ୍ତ୍ରୀ ଥିବା ପେଭକୁର ବୁଧବାର ବିଳମ୍ବିତ ଟେଲିଭିଜନରେ ତାଙ୍କ ଇସ୍ତଫା ଘୋଷଣା କରିଥିଲେ । ଇସ୍ତଫା ଘୋଷଣା କରି ପେଭକୁର



କହିଛନ୍ତି ଯେ, ସେ ତାଙ୍କ ମନ୍ତ୍ରଣାଳୟର ସମସ୍ୟା ପାଇଁ ରାଜନୈତିକ ଦାୟିତ୍ୱ ନେଉଛନ୍ତି । ଏକ ସୋସିଆଲ ମିଡିଆ ପୋଷ୍ଟରେ ସେ କହିଛନ୍ତି, 'ଏଷ୍ଟୋନିଆର ସୁରକ୍ଷା ଜଣେ ବ୍ୟକ୍ତିଙ୍କ କାମ ନୁହେଁ । ଏହା ଆମର ସାମୂହିକ ଦାୟିତ୍ୱ । ସେଥିପାଇଁ ଆଜି ମୁଁ ସମଗ୍ର ପ୍ରତିରକ୍ଷା କ୍ଷେତ୍ର ପାଇଁ ରାଜନୈତିକ ଦାୟିତ୍ୱ ଗ୍ରହଣ କରି ସଠିକ୍ ସମୟରେ ପ୍ରଧାନମନ୍ତ୍ରୀଙ୍କୁ ପ୍ରତିରକ୍ଷା ମନ୍ତ୍ରୀ ପଦ ହସ୍ତାନ୍ତର କରିବାକୁ ପଡିବ ।'

ଏହି ମାମଲାଟି ଏଷ୍ଟୋନିଆର ପ୍ରତିରକ୍ଷା ନିବେଶ କେନ୍ଦ୍ର ଓ ଇଟାଲୀୟ-ପଞ୍ଜିକୃତ କମ୍ପାନୀ ଡାଟାସେଲ୍ ଏସ୍‌ଆର୍‌ଏଲ୍ ମଧ୍ୟରେ ୨୦୨୪ ମସିହାରେ ହୋଇଥିବା ଏକ ଚୁକ୍ତି ସହିତ ଜଡିତ । ସେହିବର୍ଷ ଭାରତୀୟ କମ୍ପାନୀ ନେକୋ ଡିଫେନ୍ସ ମ୍ୟୁନିସନ୍ ଦ୍ୱାରା ଡାଟାସେଲ୍ ଏସ୍‌ଆର୍‌ଏଲ୍ ଅଧିଗ୍ରହଣ କରାଯାଇଥିଲା । ବୁଧବାର ଏଷ୍ଟୋନିଆ ଖବରକାଗଜ ଇଷ୍ଟି ଏକ୍ସପ୍ରେସ ରିପୋର୍ଟ କରିଛି ଯେ, ୨୦୨୪ ମସିହାରେ ଏଷ୍ଟୋନିଆ ଭାରତୀୟ କମ୍ପାନୀ ନେକୋ ଡିଫେନ୍ସ ମ୍ୟୁନିସନ୍‌ର ମାଲିକାନା ଡାଟାସେଲ୍ ଏସ୍‌ଆର୍‌ଏଲ୍ ଠାରୁ ଗୋଳାବାରୁଦ କ୍ରୟ କରିବା ପାଇଁ ଏକ ଚୁକ୍ତି ସ୍ୱାକ୍ଷର କରିଥିଲା ରିପୋର୍ଟରେ କୁହାଯାଇଛି ଯେ, ଯେଉଁ କମ୍ପାନୀଗୁଡ଼ିକ ସହିତ କ୍ରୟ ଚୁକ୍ତିନାମା କରାଯାଇଥିଲା ସେମାନଙ୍କ ମଧ୍ୟରୁ କୌଣସିଟି ପୂର୍ବରୁ ଗୋଳାବାରୁଦ ତିଆରି କରି ନଥିଲେ । ଏହି କ୍ରୟ ପାଇଁ ୟୁରୋପୀୟ ଶାନ୍ତି ସୁବିଧା ଦ୍ୱାରା ପାଣ୍ଠି ଯୋଗାଇ ଦିଆଯାଇଥିଲା ଓ କମ୍ପାନୀଗୁଡ଼ିକୁ ଲକ୍ଷ ଲକ୍ଷ ୟୁରୋ ଆଗୁଆ ଦିଆଯାଇଥିଲା । ମୋଟ ଅଗ୍ରିମ ଦେୟ ପ୍ରାୟ ୭୦ ନିୟୁତ ୟୁରୋରେ ପହଞ୍ଚିଥିଲା ।

# ଜାତିସଂଘର ବଡ଼ ଚେତାବନୀ:ଶକ୍ତିଶାଳୀ ହେବ ଏଲୋନିନୋ

**ନୂଆଦିଲ୍ଲୀ,୪ ।୯ (ଏଜେନ୍ସି):** ଏ ବର୍ଷ ସାରା ବିଶ୍ୱରେ ପାଣିପାଗର ମିଜାଜ ବଦଳିବାରେ ଲାଗିଛି । ଭାରତୀୟ ପାଣିପାଗ ଠାରୁ ଆରମ୍ଭ କରି ବିଶ୍ୱର ବଡ଼ ବଡ଼ ସଂସ୍ଥାମାନେ ପୂର୍ବରୁ ଏନେଇ ସତର୍କ କରାଇଥିବାବେଳେ, ଏବେ ଆଉ ଏକ ବଡ଼ ଏବଂ ଚିନ୍ତାଜନକ ଖବର ସାମ୍ନାକୁ ଆସିଛି । ଜାତିସଂଘର ଅଧୀନସ୍ଥ 'ବିଶ୍ୱ ପାଣିପାଗ ସଂଗଠନ' ବା WMO ଏକ ଗୁରୁତ୍ୱପୂର୍ଣ୍ଣ ରିପୋର୍ଟ ଜାରି କରି ସ୍ପଷ୍ଟ କରିଛି ଯେ, ବିଶ୍ୱବ୍ୟାପୀ 'ଏଲ୍ ନିନୋ' ବର୍ତ୍ତମାନ ନିଜକୁ ଶକ୍ତିଶାଳି କରିସାରିଛି । ଆଗାମୀ ମାସଗୁଡ଼ିକରେ ଏହା ଆହୁରି ଅଧିକ ଶକ୍ତିଶାଳୀ ହେବାକୁ ଯାଉଛି । ଯାହା ବିଶ୍ୱର ବର୍ଷା ଓ ତାପମାତ୍ରାର ସମସ୍ତ ଢାଞ୍ଚାକୁ ଓଲଟପାଲଟ କରିଦେବ । ଏହା ପ୍ରଭାବରେ କେଉଁଠି ଭୟଙ୍କର ମରୁଡ଼ି ତ ପୁଣି କେଉଁଠି ପ୍ରଳୟଙ୍କରୀ ବନ୍ୟା



ଏବଂ ଅସହ୍ୟ ଗ୍ରୀଷ୍ମ ପ୍ରବାହର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ଆକଳନ କରିଛନ୍ତି । ଆସନ୍ତୁ ଜାଣିବା ଏହି ପାଣିପାଗର ପରିବର୍ତ୍ତନ ସମ୍ପର୍କରେ ଅଧିକ ବିସ୍ତୃତ ତଥ୍ୟ ।ବିଶ୍ୱ ପାଣିପାଗ ସଂଗଠନ (ଡବ୍ଲ୍ୟୁଏମ୍‌ଓ) ଅନୁଯାୟୀ ଚଳିତ ବର୍ଷ ଶେଷ ଆଡ଼କୁ ଏହା ଶୀର୍ଷ ସ୍ତରରେ ପହଞ୍ଚିବ । ଏଲ୍ ନିନୋ ପ୍ରଭାବରେ ବିଶ୍ୱର ବିଭିନ୍ନ ଅଂଚଳରେ ବୃଷ୍ଟିପାତ ଏବଂ ତାପମାତ୍ରା ଶୈଳୀରେ ବ୍ୟାପକ ପରିବର୍ତ୍ତନ ଦେଖାଯିବ । ଏହା ଦ୍ୱାରା ବନ୍ୟା, ମରୁଡ଼ି ଏବଂ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଭଳି ଜଟିଳ ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି । ଜାତିସଂଘ ମୁଖ୍ୟ ଆଣ୍ଟୋନିଓ ଗୁଟେରସ କହିଛନ୍ତି, ସମୁଦ୍ର ପୃଷ୍ଠର ତାପମାତ୍ରା କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ସମଗ୍ର ବିଶ୍ୱ ବର୍ତ୍ତମାନ ଚରମ ପାଣିପାଗର ବିପଦ ଜୋନ୍‌ରେ ରହିଛି । ସାଧାରଣତଃ ଏଲ୍ ନିନୋ ବର୍ଷର ଶେଷ ଭାଗରେ ଶୀର୍ଷକୁ ଛୁଇଁଥାଏ । ମାତ୍ର ମହାସାଗରରୁ ଉତ୍ତାପ ବାୟୁମଣ୍ଡଳକୁ ଧୀରେ ଧୀରେ ମୁକ୍ତ ହେଉଥିବାରୁ ଏହାର ପରବର୍ତ୍ତୀ ବର୍ଷ ଅର୍ଥାତ ୨୦୨୭ରେ ବିଶ୍ୱର ତାପମାତ୍ରା ଆହୁରି ଅଧିକ ବୃଦ୍ଧି ପାଇବ । ପୂର୍ବ ଏଲ୍ ନିନୋ ପ୍ରଭାବ ଯୋଗୁଁ ୨୦୨୪ ବର୍ଷଟି ଇତିହାସର ସବୁଠାରୁ ଉତ୍ତପ୍ତ ବର୍ଷ ଭାବେ ରେକର୍ଡ ହୋଇଥିଲା ବୋଲି ବୈଜ୍ଞାନିକମାନେ ପ୍ରକାଶ କରିଛନ୍ତି ।ଡବ୍ଲ୍ୟୁଏମଓ ମୁଖ୍ୟ ସେଲେଷ୍ଟେ ସାଉଲୋ କହିଛନ୍ତି ଯେ, ଏହି ଅସାଧାରଣ ଏଲ୍ ନିନୋ ସମଗ୍ର ବିଶ୍ୱର ଅର୍ଥନୀତି ଏବଂ ସମୁଦାୟକୁ ଗଭୀର ଆଘାତ ଦେବାର କ୍ଷମତା ରଖିଛି । କୃଷି, ସ୍ୱାସ୍ଥ୍ୟ, ଶକ୍ତି ଏବଂ ଜଳ ଭଳି ସମ୍ବେଦନଶୀଳ କ୍ଷେତ୍ରଗୁଡ଼ିକୁ ଏଥିପାଇଁ ସତର୍କ ରହିବାକୁ କୁହାଯାଇଛି । ପ୍ରଶାନ୍ତ ମହାସାଗରର କେନ୍ଦ୍ରୀୟ ଏବଂ ପୂର୍ବ ବିଷୁବରେଖା ଅଞ୍ଚଳରେ ସମୁଦ୍ର ପୃଷ୍ଠର ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୨.୨ରୁ ୨.୬ ଡିଗ୍ରି ସେଲସିୟସ ଅଧିକ ରହିଛି । ଏହି ପ୍ରଭାବ ଯୋଗୁଁ ଆମାଜନ, ଇଣ୍ଡୋନେସିଆ ଏବଂ ଅଷ୍ଟ୍ରେଲିଆର କେତେକ ଭାଗରେ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବ । ଏହାସହ ଭାରତରେ ମଧ୍ୟ ମୌସୁମୀ ବାୟୁ ପ୍ରଭାବିତ ହେବାର ସମ୍ଭାବନା ରହିଛି । ସେପ୍ଟେମ୍ବରରୁ ନଭେମ୍ବର ମାସ ମଧ୍ୟରେ ସ୍ୱାଭାବିକଠାରୁ ଅଧିକ ତାପମାତ୍ରା ଅନୁଭୂତ ହେବ ବୋଲି ଜାତିସଂଘ ପାଣିପାଗ ସଂସ୍ଥା ସ୍ପଷ୍ଟ କରିଛି ।



## ଯାଦବ ସଂଘର ନୂତନ କର୍ମକର୍ତ୍ତା ଚୟନ ଓ ଜନ୍ମାଷ୍ଟମୀ ଉତ୍ସବ ପାଳିତ



**ଗୋପ,୪/୯ (ନି.ପ୍ର):** ଗୋପ ବ୍ଲକ ଅନ୍ତର୍ଗତ ନାଗପୁର ଗ୍ରାମପଞ୍ଚାୟତର ନାଗପୁର ଠାରେ ପୁରୀ ଜିଲ୍ଲା ଯାଦବ ମହାସଭା ପକ୍ଷରୁ ଜନ୍ମାଷ୍ଟମୀ ସମାରୋହ ଓ ଗୋପ ବ୍ଲକର ଯାଦବ ସଂଘର ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ଯାଦବ ମହାସଭାର ସଭାପତି ଗୋପାଳ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନ୍ମାଷ୍ଟମୀ ସମାରୋହ ଓ ଗୋପ ବ୍ଲକ ଯାଦବ ସଂଘର ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମରେ ଜିଲ୍ଲା ମହାସଭାର ବରିଷ୍ଠ କର୍ମକର୍ତ୍ତା ଚିତ୍ରସେନ ବେହେରା, ଦେବରାଜ ବେହେରା ସମେତ ବରିଷ୍ଠ କର୍ମକର୍ତ୍ତା ମାନେ ଉପସ୍ଥିତ ରହି ଭଗବାନ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା ରୀତିନୀତି ଓ ପରମ୍ପରା ଅନୁଯାୟୀ ସଂପାଦନ ହୋଇଥିବା ବେଳେ ପୁରୀ ଜିଲ୍ଲା ଯାଦବ ମହାସଭାର ସଭାପତି ଗୋପାଳ ଚନ୍ଦ୍ର ବେହେରା ଓ ଅନ୍ୟ ବରିଷ୍ଠ କର୍ମକର୍ତ୍ତା ମାନଙ୍କ ଅନୁମୋଦନ କ୍ରମେ ଗୋପ ବ୍ଲକ ଯାଦବ ସଂଘର ନୂତନ ସଭାପତି ଭାବେ ନିରଂଜନ ବେହେରା, କାର୍ଯ୍ୟକାରୀ ସଭାପତି ଭାବେ ରମେଶ ଚନ୍ଦ୍ର ବେହେରା ଓ ସଂପାଦକ ଭାବେ ଶଶିକାନ୍ତ ବେହେରାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା ।ନାଗପୁର ସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ଠାରେ ବ୍ଲକର ନୂତନ ସଭାପତି, ସଂପାଦକ ଓ କାର୍ଯ୍ୟକାରୀ ସଭାପତି ସମେତ ସଦସ୍ୟ ମାନଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ରାଜରାସ୍ତାରେ ଜନ୍ମାଷ୍ଟମୀ ପାଳିଲେ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀ

# ଆଜି ମହାସମାବେଶ, ସରକାରଙ୍କ ନିରବତା ଯନ୍ତ୍ରଣାଦାୟକ : ସମନ୍ୱୟ ସମିତି

**ଭୁବନେଶ୍ୱର, ୪/୯(ଯୁବମୋର୍ଚ୍ଚା):** ରାଜଧାନୀର ରାଜରାସ୍ତାରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ଚାଲିଥିବା ଅହୋରାତ୍ର ଗଣଧାରଣା ୨୦ ଦିନରେ ଉପନୀତ ହୋଇଛି । ଆଜି ସାରା ଦେଶରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ସହିତ ପାଳନ କରାଯାଉଥିଲା ବେଳେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀମାନେ ବିଦ୍ୟାଳୟ ଛାଡ଼ି ରାଜଧାନୀର ଗାନ୍ଧିମାର୍ଗରେ ଖୋଲା ଆକାଶ ତଳେ ଭୋକ ଉପାସରେ ପଡ଼ିରହି ଶ୍ରୀକୃଷ୍ଣଙ୍କ ପୂଜା କରିବା ଦୁଃଖ ଓ ପରିତାପର ବିଷୟ । ପ୍ରତିଶ୍ରୁତି ଦେଇ ପାଳନ ନକରିବା ଓ ସରକାରୀ ଉଦାସୀନତା ଯୋଗୁଁ ହଜାର ହଜାର ଶିକ୍ଷକ ଶିକ୍ଷାକର୍ମଚାରୀଙ୍କ ଭାଗ୍ୟ ଓ ଭବିଷ୍ୟତ ଅନ୍ଧକାର ମଧ୍ୟକୁ ଠେଲି ହୋଇ ଯାଉଛି ବୋଲି ଓଡ଼ିଶା ସ୍କୁଲ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ମୁଖ୍ୟ ଆବାହକ ରନ କୁମାର ଦାଶ କହିବା ସହିତ ସମସ୍ତ ସମସ୍ୟାର ସମାଧାନ କରିବାକୁ ଦାବି କରିଛନ୍ତି । ସଂଗଠନର ପ୍ରମୁଖ ଦାବି ଗୁଡ଼ିକ ମଧ୍ୟରେ ପଚିଶ ରୁ ତିରିଶ ବର୍ଷ ଧରି ନିରନ୍ତର ଶିକ୍ଷାଦାନ କରି ଆସୁଥିବା ଅନୁଦାନରୁ ବଞ୍ଚିତ ୧୯୪ ଓ ଅନ୍ୟ ବିଦ୍ୟାଳୟକୁ ତୁରନ୍ତ ଅନୁଦାନର ବ୍ୟବସ୍ଥା କରିବା, ନୂତନ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଓ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟର ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀମାନଙ୍କର ଅବସର ପରେ ବଞ୍ଚିବା ପାଇଁ ଚାକିରି ସର୍ତ୍ତାବଳୀ ସହ ପେନସନ୍ ଓ ଅବସରକାଳୀନ ସୁବିଧା ପ୍ରଦାନ କରିବା, ଖାଲିପଡ଼ିଥିବା ଶିକ୍ଷକ ପଦବୀ ତୁରନ୍ତ ପୂରଣ କରିବା, ସମସ୍ତ ବିଦ୍ୟାଳୟକୁ ସରକାରୀ ଘୋଷଣା କରିବା, ଅବସର ବୟସ ସୀମା ୬୦ ରୁ ୬୨ ବର୍ଷକୁ ବୃଦ୍ଧି, ଗ୍ରେଡ଼ପେ ରେ



ଥିବା ଅସଙ୍ଗତି ଦୂରିକରଣ, ସପ୍ତମ ବେତନରୁ ବାଦ୍ ପଡ଼ିଥିବା ଶିକ୍ଷକମାନଙ୍କୁ ସପ୍ତମ ବେତନ ପଦାନ ସହିତ ଚୁକ୍ତିଭିତ୍ତିକ ଶିକ୍ଷକ ଓ ଶିକ୍ଷିକାମାନଙ୍କୁ ନିଯୁକ୍ତି ଦିନଠାରୁ ବରିଷ୍ଠତା ପ୍ରଦାନ କରିବା ଇତ୍ୟାଦି । ଆଜି ପବିତ୍ର ଜନ୍ମାଷ୍ଟମୀ ଅବସରରେ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷାକର୍ମଚାରୀମାନେ ଭୁବନେଶ୍ୱରର ଗାନ୍ଧିମାର୍ଗରୁ ଅନେକ କହିଛନ୍ତି ସରକାରଙ୍କର ସଦ୍‌ବୁଦ୍ଧି ଉଦୟ ହେଉ ଏବଂ ସେମାନଙ୍କର ସମସ୍ତ ଦାବିକୁ ସକରାତ୍ମକ ଭାବେ ସରକାର ବିଚାର କରି ସମାଧାନ କରନ୍ତୁ । ସୂଚନାଥାଉକି, ଶିକ୍ଷକ କର୍ମଚାରୀମାନେ ଦୀର୍ଘ ୨୦ ଦିନ ହେଲା ଗଣତାନ୍ତ୍ରିକ ପଦ୍ଧତିରେ ଶାନ୍ତିପୂର୍ଣ୍ଣ ଭାବରେ ଗାନ୍ଧିମାର୍ଗରେ ଦିନରାତି ପ୍ରଚଣ୍ଡ ଖରା ଓ ବର୍ଷାକୁ ଭୂକ୍ଷେପ ନକରି ଅହୋରାତ୍ର ଗଣଧାରଣରେ ବସି ରହିଛନ୍ତି । ଦୀର୍ଘଦିନ ଧରି ଶିକ୍ଷକ କର୍ମଚାରୀମାନେ ଦାବି ହାସଲ ପାଇଁ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ କରିଛନ୍ତି ଓ ବାରମ୍ବାର ସରକାରଙ୍କଠାରୁ ପ୍ରତିଶ୍ରୁତି ପାଇଛନ୍ତି କିନ୍ତୁ ଅଦ୍ୟାବଧି ସମସ୍ୟା ସମାଧାନ ହୋଇନାହିଁ। ସରକାର ଶିକ୍ଷାକୁ ଏକ ଅଣ ଉତ୍ପାଦିତ କ୍ଷେତ୍ର ବୋଲି ଧରିନେଇ କ୍ରମାଗତ ଅବହେଳା କରି ଚାଲିଛନ୍ତି । ଶିକ୍ଷକ ମାନଙ୍କୁ ବିଭିନ୍ନ ବର୍ଗରେ ବିଭକ୍ତ କରିବା ସହିତ ଏମାନଙ୍କର ଶ୍ରମକୁ ଶୋଷଣ କରି ଚାଲିଛନ୍ତି । ଶିକ୍ଷକ ମାନଙ୍କର ଦାବି ଯୁକ୍ତିଯୁକ୍ତ ଏବଂ ପୂରଣହେବା ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମାନେ ମତବ୍ୟକ୍ତ କରିଛନ୍ତି । ବାରମ୍ବାର ଶିକ୍ଷକମାନେ ରାଜରାସ୍ତାକୁ ଆସିବାକୁ ଚାହୁଁନାହାନ୍ତି ବରଂ ରାଜ୍ୟ ସରକାର ଶିକ୍ଷକମାନଙ୍କୁ ରାଜରାସ୍ତାକୁ ଆସିବା ପାଇଁ ବାଧ୍ୟ କରୁଛନ୍ତି ବୋଲି ସଂଗଠନ ପକ୍ଷରୁ କୁହାଯାଇଛି । ରାଜ୍ୟରେ ଲୋକଙ୍କର ସରକାର ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ରାଜ୍ୟର ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନଙ୍କର ଏଭଳି ସ୍ଥିତିକୁ ସୁଧାରିବା ପରିବର୍ତ୍ତେ ଅନ୍ଧକାର ମଧ୍ୟକୁ ଠେଲି ଦେଉଛନ୍ତି ବୋଲି ସମନ୍ୱୟ ସମିତି ତରଫରୁ ଅଭିଯୋଗ କରାଯାଇଛି । ସମନ୍ୱୟ ସମିତି ଦ୍ୱାରା ଆହୂତ ଏହି ଗଣଧାରଣା ତିନି ସପ୍ତାହ ଅତିକ୍ରମ କରିବା ଉପରେ । ଏ ପର୍ଯ୍ୟନ୍ତ ସରକାରଙ୍କ ପକ୍ଷରୁ ସମସ୍ୟା ସମାଧାନ ପାଇଁ କୌଣସି ଠୋସ୍ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ସ୍କୁଲ ବଞ୍ଚିଲେ ଶିକ୍ଷା ବଞ୍ଚିବ । ଶିକ୍ଷା ବଞ୍ଚିଲେ ଗାଁର ବିକାଶ ହେବ । ଆଗକୁ ପିଲାମାନଙ୍କର ଅର୍ଦ୍ଧବାର୍ଷିକ ପରୀକ୍ଷା, ଏଥିପାଇଁ ଯାହା କ୍ଷତି ହେବ ସରକାର ଦାୟୀ ରହିବେ ବୋଲି ଆନ୍ଦୋଳନର ନେତୃତ୍ୱ ନେଉଥିବା ସମନ୍ୱୟ ସମିତିର ମୁଖ୍ୟ ଆବାହକ ରନ କୁମାର ଦାଶ, ସଭାପତି ସୁକାନ୍ତ କୁମାର ବେହେରା, ଅକ୍ଷୟ କୁମାର ମିଶ୍ର, ଆବାହକ ଡ଼. ପ୍ରଶାନ୍ତ କୁମାର ପ୍ରଧାନ, ନିର୍ମଳା ପଣ୍ଡା, ବିକ୍ରମ କୁମାର ଦାସ, ପ୍ରମୋଦ କୁମାର ହୋତା, ହରେକୃଷ୍ଣ ପାଣିଗ୍ରାହୀ, ଶଲିଳ ରାଜନନ୍ଦନ ମହାନ୍ତି, ଅଜୟ କୁମାର ପତି, ରନ କୁମାର ପଣ୍ଡା, ଏମ୍.ଏ. କାସିମ୍ ବେଗ୍, ପ୍ରଶାନ୍ତ କୁମାର ପତି, ସୁରେଶ ଚନ୍ଦ୍ର ଦାଶ, ରାଜା ଓସିମ୍, ନୀଳମଣି ପୁରୋହିତ, ବ୍ରଜ କିଶୋର ବିଶ୍ୱାଳ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ବନମାଳୀ ବାରିକ, ଅଟଳ ବଳ, ପ୍ରିୟରନ ରଥ, ରାଜଲକ୍ଷ୍ମୀ ବେହେରା, ଜୟନ୍ତୀ ବଳ, ମାଣିକେଶ୍ୱର ସ୍ୱାଇଁ, ରମାକାଂ ମହାପାତ୍ର, ପ୍ରଦୀପ କୁମାର ମଙ୍ଗରାଜ, ନବକୁମାର ପଣ୍ଡା, ରମାକାନ୍ତ ଲେଙ୍କା ଏବଂ ମଧୁସୂଦନ ଦେ ପ୍ରମୁଖ ସରକାରଙ୍କୁ ଦୃଢ଼ ଚେତାବନୀ ଦେଇଛନ୍ତି ।

## କେନ୍ଦ୍ରାପଡା ଜିଲ୍ଲାର ୧ଲକ୍ଷ ୭୦ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ମିଳିଲା ୩୫କୋଟିରୁ ଉର୍ଦ୍ଧ୍ୱ ସିଏମ୍ କିଷାନ ସହାୟତା

**କେନ୍ଦ୍ରାପଡ଼ା,୪।୯ (ନି.ପ୍ର) :** ରାଜ୍ୟର ଚାଷୀଙ୍କ ଆର୍ଥିକ ସଶକ୍ତିକରଣ ଓ କୃଷି କ୍ଷେତ୍ରର ବିକାଶକୁ ଗୁରୁତ୍ୱ ଦେଇ ରାଜ୍ୟ ସରକାରଙ୍କ ପକ୍ଷରୁ ସିଏମ୍ କିଷାନ ଯୋଜନାର ରବି ଋତୁ ପାଇଁ ୫ମ କିସ୍ତି ପ୍ରଦାନ କରାଯାଇଛି। ରାଜ୍ୟର ୪୧ ଲକ୍ଷରୁ ଉର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ଭୂମିହୀନ କୃଷକଙ୍କୁ ୮୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଛି। ଓୟୁଏଟିର କୃଷି ଶିକ୍ଷା ସଦନଠାରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସିଏମ୍ କିଷାନ ଯୋଜନାର ୫ମ କିସ୍ତି ପ୍ରଦାନ କରିଥିଲେ। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାଷୀଙ୍କ କଲ୍ୟାଣ ଓ କୃଷିର ବିକାଶ ପାଇଁ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ନେବାକୁ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ସାମଲଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର. ଆୟର, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଯାମିନୀ ମହାପାତ୍ର, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ପ୍ରଭଞ୍ଜନ ମିଶ୍ର ଏବଂ ଉଦ୍ୟାନ କୃଷି ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ୍ତ ପ୍ରମୁଖ ଯୋଗଦେଇଥିଲେ।ଏହି ଅବସରରେ ଅଧିକାରୀମାନେ କୃଷକମାନଙ୍କ ପାଇଁ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା, କୃଷି କ୍ଷେତ୍ରରେ ବିଭାଗୀୟ ପଦକ୍ଷେପ ଓ ସଫଳତା ସମ୍ପର୍କରେ ଅବଗତ କରାଇବା ସହ ଚାଷୀମାନେ ଏହାର ସୁବିଧା ନେଇ ନିଜ ଆୟ ବୃଦ୍ଧି କରିବାକୁ ଆହ୍ୱାନ ଦେଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାରେ ସିଏମ୍ କିଷାନ ଯୋଜନାର ୫ମ କିସ୍ତି ବାବଦରେ ୩୩୩ ଜଣ ଭୂମିହୀନ ଚାଷୀ ଏବଂ ୧,୭୦,୪୯୪ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ମୋଟ ୧,୭୦,୮୨୭ ଜଣ ଚାଷୀଙ୍କୁ ୩୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଡିବିଟି ମାଧ୍ୟମରେ ପ୍ରଦାନ କରାଯାଇଥିବା ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୂଚନା ଦେଇଥିଲେ। ଯୋଜନା ଅନୁଯାୟୀ, ପ୍ରତ୍ୟେକ ଭୂମିହୀନ ଚାଷୀଙ୍କୁ ୫,୦୦୦ ଟଙ୍କା ଏବଂ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ୨,୦୦୦ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାର ୯ଟି ବ୍ଲକରୁ ୧୭୦ ଜଣ ଚାଷୀଙ୍କ ସମେତ ବିଭାଗୀୟ କର୍ମଚାରୀ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂହ ପ୍ରମୁଖ ଯୋଗଦେଇଥିଲେ।

## ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ନିମନ୍ତେ ଚୌଦ୍ୱାର କଟକର ପ୍ରସ୍ତୁତି



**କଟକ, ୪।୯ (ନି.ପ୍ର) :** ଭାରତୀୟ ଜନତା ପାର୍ଟି (ବିଜେପି)ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଚଳିତ ମାସ ୫ ଓ ୬ ତାରିଖରେ କଟକସ୍ଥିତ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ଦୁଇଦିନିଆ ବୈଠକରେ ରାଜ୍ୟସ୍ତରୀୟ ବରିଷ୍ଠ ନେତୃତ୍ୱ ଯୋଗଦେଇ ଦଳର ଆଗାମୀ ରଣନୀତି ଓ ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବେ। ଏହି ପରିପ୍ରେକ୍ଷୀରେ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀ ପକ୍ଷରୁ ମହାନଦୀବିହାରସ୍ଥିତ ସେଲିବ୍ରେସନ ମଣ୍ଡପଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ୬ ତାରିଖର ସାଧାରଣ ସଭାରେ ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀରୁ ୨ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଯୋଗଦେବା ନେଇ ଆଲୋଚନା ହୋଇଥିଲା। ବୈଠକରେ ଉପସ୍ଥିତ ୫୦୦ରୁ ଉର୍ଦ୍ଧ୍ୱ ନେତୃତ୍ୱ ଓ କର୍ମୀଙ୍କୁ ସାଧାରଣ ସଭାକୁ ସଫଳ କରିବା ସହ ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଦଳର ପଦାଧିକାରୀ, ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାମାନେ ବହୁସଂଖ୍ୟାରେ ସାମିଲ ହେବାକୁ ଆହ୍ୱାନ ଦିଆଯାଇଥିଲା। ଭିଡିଓ କଲ୍ ମାଧ୍ୟମରେ କଟକ ଜିଲ୍ଲା ପ୍ରଭାରୀ ଜ୍ଞାନେନ୍ଦ୍ର ବେଉରା ଯୋଗଦେଇ ଉପସ୍ଥିତ କର୍ମୀମାନଙ୍କୁ ସମ୍ବୋଧିତ କରି ଆଗାମୀ ରାଜ୍ୟ କାର୍ଯ୍ୟକାରିଣୀରେ ବହୁସଂଖ୍ୟାରେ ଯୋଗଦେବାକୁ ଆହ୍ୱାନ ଦେଇଥିଲେ।

ଏହି ବୈଠକରେ ବରିଷ୍ଠ ନେତୃତ୍ୱ ମହେନ୍ଦ୍ର ନାୟକ, ପ୍ରମୋଦ ସାହୁ, ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ସଞ୍ଜୟ ଜେନା, ପୂର୍ବତନ ମଣ୍ଡଳ ସଭାପତି ଅମ୍ବିକା ସାମଲ, ପୂର୍ବତନ ଜିଲ୍ଲା ସମ୍ପାଦକ ଜୟଦେବ ପୃଷ୍ଟୀ, ପୂର୍ବତନ ଜିଲ୍ଲା ଉପସଭାପତି ମନୋରଞ୍ଜନ ସାହୁ, ପୂର୍ବତନ କର୍ପୋରେଟର ବିଜୟ କୁମାର ସାହୁ, କର୍ପୋରେଟର ପଦ୍ମିନୀ ସାହୁ ଓ ମୀନ ସାହୁଙ୍କ ସମେତ ଚୌଦ୍ୱାର ପୌରପାଳିକାର ପାରିଷଦ ଓ ବହୁ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁଜାତା ସାହୁ, ଆଶିଷ କୁମାର ସ୍ୱାଇଁ, ଦିଲ୍ଲୀପ କୁମାର ସାହୁ, ମହମ୍ମଦ ଫରିଦ୍, ଅକ୍ଷୟ ପଣ୍ଡା, ଦିଲ୍ଲୀପ ଜେନା, କବିତାରାଣୀ ଲେଙ୍କା, ସବିତା ନାୟକ, ପୁଷ୍ପଲତା ସାହୁ, ଲକ୍ଷ୍ମଣ ରାଉତ, ବିନୟ ମଲ୍ଲିକ, ଶୁଭେନ୍ଦୁ ସେନଗୁପ୍ତା, ଜ୍ଞାନରଞ୍ଜନ ଦାସ, ଅଶୋକ ମିଶ୍ର, ଅର୍ଜୁନ ପଣ୍ଡା, ଅଭିଜିତ୍ ଦାସ, ରଘୁନାଥ ରାମ ଓ ଜାହିର ଖାନଙ୍କ ସମେତ ୫୦୦ରୁ ଉର୍ଦ୍ଧ୍ୱ ନେତା ଓ କର୍ମୀ ଯୋଗଦେଇଥିଲେ।

## ରାଜେନ୍ଦ୍ର ନଗର ମଙ୍ଗଳା ମନ୍ଦିରରେ ଜନ୍ମାଷ୍ଟମୀ ପାଳିତ

**କଟକ,୪।୯ (ନି.ପ୍ର) :** ପବିତ୍ର ଜନ୍ମାଷ୍ଟମୀ ଅବସରରେ କଟକ ସହର ଉତ୍ସବମୁଖର ହୋଇଉଠିଛି। ଏହି ଅବସରରେ ସହରର ବିଭିନ୍ନ ଧାର୍ମିକ ଅନୁଷ୍ଠାନ ଓ ମନ୍ଦିରରେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ଭକ୍ତି ଓ ଶ୍ରଦ୍ଧାର ସହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କଟକ ମହାନଗର ନିଗମର ୫୨ ନଂ ୱାର୍ଡ ଅନ୍ତର୍ଗତ ରାଜେନ୍ଦ୍ର ନଗରସ୍ଥିତ ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ଜନ୍ମାଷ୍ଟମୀ ଉତ୍ସବ ଧୁମଧାମରେ ପାଳିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସରରେ ନାମ ସଂକୀର୍ତ୍ତନ ସହ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

ଉତ୍ସବରେ ସର୍ବମଙ୍ଗଳା ମହିଳା ସଭାର ସଭାପତି କୃଷ୍ଣଚନ୍ଦ୍ର ମାହୁନ୍ତ, ଉପସଭାପତି ରାଜେନ୍ଦ୍ର କୁମାର ଷଡ଼ଙ୍ଗୀ, ସମ୍ପାଦକ ସରୋଜ କୁମାର ସ୍ୱାଇଁ, ସହସମ୍ପାଦକ ପ୍ରଦୀପ କୁମାର ବେହେରା, କୋଷାଧ୍ୟକ୍ଷ ଶୁଭେନ୍ଦୁ ମିଶ୍ର, ବରିଷ୍ଠ ନାଗରିକ ଉଲ୍ଲାସ ପାଇକରାୟ, ଗଜେନ୍ଦ୍ର ନାଥ ନାୟକ, ପ୍ରଫୁଲ୍ଲ ମୁଦୁଲି, ଶିବଚରଣ ପଣ୍ଡା, ଶରତ ଚନ୍ଦ୍ର ପତି, ଗିରିଜା ମହାନ୍ତି,ଅଜିତ କୁମାର ନାୟକ, ପ୍ରଦୀପ ସେଠୀ, ମହେଶ ମହାପାତ୍ର, ସଞ୍ଜୟ କୁମାର ପାତ୍ର, ସନ୍ଦୀପ ସାମନ୍ତରାୟ, ଅଜୟ କୁମାର ଦାସ, ବିନୟ କେତନ ଚୌଧୁରୀ, ବୀରକିଶୋର ସାହୁ,ଜୀବନ ବଲ୍ଲଭ ସାମଲ ଏବଂ ପୂଜକ ଶାରଦା ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ଉତ୍ସବରେ ସହଯୋଗ କରିଥିଲେ। ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ ଅବସରରେ ମନ୍ଦିରରେ ଭକ୍ତମାନଙ୍କ ସମାଗମ ହୋଇଥିବା ବେଳେ ପୂଜାର୍ଚ୍ଚନା ଓ ଧାର୍ମିକ ପରିବେଶ ମଧ୍ୟରେ ଉତ୍ସବଟି ଆନନ୍ଦ ଉଲ୍ଲାସର ସହ ସମ୍ପନ୍ନ ହୋଇଥିଲା।

## ଗାଈକି ପଘା ନାହିଁ , ହିଞ୍ଜିଳି ପୌର ପ୍ରଶାସନ କୁ ନିଘା ନାହିଁ

# ଗାଈ ରହିବା ଘରେ ପଡ଼ିଛି ତାଲା , ଗାଈ ବୁଲୁଛି ଖୁଲମଖୁଲା

**ହିଞ୍ଜିଳିକାଟୁ, ୪।୯ (ନି.ପ୍ର):** ଗଞ୍ଜାମ ଜିଲ୍ଲା ର ଅନ୍ୟତମ ପ୍ରମୁଖ ସହର ହିଞ୍ଜିକାଟୁ ରେ ଗୃହପାଳିତ ପଶୁଙ୍କ ରାସ୍ତାରେ ବିଚରଣ କରିବା ଏକ ପ୍ରକାର ପ୍ରଥା ହୋଇଯାଇଛି। ନିରାପଦ ଆଶ୍ରୟ ସ୍ଥଳୀ ପାଲଟିଛି ରାଜରାସ୍ତା ଓ ଗଳିକନ୍ଦି । ବର୍ତ୍ତମାନ ହିଞ୍ଜିଳି ପୌରପରିଷଦ ରାସ୍ତାରେ ବୁଲୁଥିବା ଗୋରୁ, ଗାଈ ସମସ୍ୟା ସବୁଠାରୁ ଅଧିକ। ଗାଈ ବେକରେ ପଘା ନାହିଁ ସେହିପରି ପୌର ପ୍ରଶାସନ ର ନିଘା ବି ନାହିଁ । ସହରର ଯୁଆଡ ଚାହିଁବ ଖାଲି ଗାଈ, ଗୋରୁ ହିଁ ଗାଈ, ଗୋରୁ ।ଗାଈ ମାଲିକ ମାନେ ଗାଈଠାରୁ କ୍ଷୀର ଆଦାୟ କରି ଗାଈଗୁଡିକୁ ରାସ୍ତାରେ ଛାଡିଦିଅନ୍ତି। ଫଳରେ ସେମାନେ ରାସ୍ତାକଡରେ ସୋଇ ଦୁର୍ଘଟଣା ର ଶିକାର ହୋଇ ଆହତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବି ବହୁ ନଜର ରେ ରହିଛି। ହିଞ୍ଜିଳି ପୌରପରିଷଦ କର୍ତ୍ତୃପକ୍ଷ ଏ ସବୁ ଦେଖୁଥିଲେ ଜାଣୁଥିଲେ ସୁଦ୍ଧା ନିରବ ପ୍ରଶାସନ ଚିନ୍ତାରେ ଜନସାଧାରଣ। ସହରର ମୁଖ୍ୟ ରାସ୍ତା ସହିତ ବିଭିନ୍ନ ଗଳି ରାସ୍ତାରେ ବହୁ କାର୍ଯ୍ୟାଳୟ ଓ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ଦୈନିକ ହଜାର ହଜାର ଗାଡ଼ି ସହରର ମୁଖ୍ୟ ରାସ୍ତା ଦେଇ ଯାତାୟାତ କରିଥାଏ। ସେହି ରାସ୍ତା ଗୁଡ଼ିକ ଏବେ ବୁଲା ଗାଈ ଗୋରୁ ଙ୍କ ଆଶ୍ରୟସ୍ଥଳୀ ପାଲଟିଛି । ଫଳରେ ଗୁରୁତ୍ୱର ଟ୍ରାଫିକ ସମସ୍ୟା ଦେଖାଦେଉଛି। ହିଞ୍ଜିଳି ପୌରପ୍ରଶାସନ ଏଥିପ୍ରତି ଗୁରୁତ୍ୱ ଦେଉନଥିବାବେଳେ ଜରିମାନା ଆଦାୟ କରାଯାଉନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ହିଞ୍ଜିଳି ପୌରପରିଷଦର ଏକ



ଗାଈ, ଗୋରୁ ରହିବା ଗୃହ ଥିଲେ ମଧ୍ୟ ଅନେକ ଦିନ ହେବ ତାଲା ଠୁଙ୍କି ବାବୁ ନିରାପଦରେ ବସିଥିବା ଚର୍ଚ୍ଚା ହେଉଛି । କାହିଁକି ଗାଈ ରହିବା ଘରେ ତାଲା ପଡ଼ିଛି , କାହା ଚାପରେ ଚେପା ହୋଇଯାଇଛନ୍ତି ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ତାହା ଏବେ ଜନସାଧାରଣ ଙ୍କ ଠାରେ ଏକ ବିରାଟ ପ୍ରଶ୍ନ ଉଙ୍କି ମରୁଛି। ଗାଈ ଗୋରୁ ରହିବା ପାଇଁ ଥିବା ଗୃହରେ ତାଲା ପଡ଼ିଥିବା ଘଟଣା ପୌରପ୍ରଶାସନର କାର୍ଯ୍ୟାଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ପୂର୍ବ ସରକାର ଯାଇ ନୂତନ ସରକାର ଆସିଲା। ଦୁର୍ଘଟଣା କୁ ନେଇ ପ୍ରତ୍ୟେକ ଦିନ ସୋସିଆଲ ମିଡିଆରେ ଘୁରି ବୁଲୁଥିଲେ ମଧ୍ୟ ସରକାରଙ୍କ ବିଧାୟକ, ସାଂସଦ ଙ୍କ ନଜରକୁ ଆସିପାରୁନାହିଁ । କେବେ ହଟିବ ରାଜରାସ୍ତାରୁ ଗୋରୁ, ଗାଈ ? ଗୋରୁ, ଗାଈଙ୍କ ପାଇଁ ନିର୍ଦ୍ଦିଷ୍ଟ ଆଶ୍ରୟସ୍ଥଳୀକୁ କାର୍ଯ୍ୟକ୍ଷମ କରିବା , ରାସ୍ତାରେ ଗାଈ, ଗୋରୁ ଛାଡୁଥିବା ମାଲିକଙ୍କୁ ଚିହ୍ନଟ କରି ଜରିମାନା କରିବା , ନିୟମିତ ଧରପଗଡ଼ ଅଭିଯାନ ଚଳାଇବା ଏବଂ ଆହତ ଗୋରୁ ଗାଈ ଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା କରିବାଦିଗରେ ପୌର ପ୍ରଶାସନ ତୁରନ୍ତ ପଦକ୍ଷେପ ନେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି । 'ଗାଈକି ପଘା ନାହିଁ, ପୌରପ୍ରଶାସନକୁ ନିଘା ନାହିଁ ' ' ଗାଈ ବୁଲୁଛି ଖୁଲମଖୁଲା ଗାଈ ରହିବା ଘର ପଡ଼ିଛି ତାଲା ' ଏଭଳି ଚର୍ଚ୍ଚା ଏବେ ହିଞ୍ଜିଳି ସହରରେ ଶୁଣିବାକୁ ମିଳୁଛି । ରାସ୍ତାରେ ଗାଈ ଗୋରୁ ଙ୍କ ଅବାଧ ବିଚରଣ ଆଉ କେତେଦିନ ଚାଲିବ ଗାଈ ରହିବା ଗୃହ ର ତାଲା କେବେ ଖୋଲିବ ? ଏବଂ ଏହି ସମସ୍ୟାର ସ୍ଥାୟୀ ସମାଧାନ କେବେ ହେବ ତାହାକୁ ନେଇ ଏବେ ହିଞ୍ଜିଳିବାସୀଙ୍କ ଅପେକ୍ଷା ।

## ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ

**କଟକ, ୪।୯ (ନି.ପ୍ର):** ସ୍ଥାନୀୟ ଦରଘା ବଜାର, ହାତୀ ପୋଖରୀ ଛକ ସ୍ଥିତ ମା' ସରସ୍ୱତୀ ଶିକ୍ଷା ମନ୍ଦିରରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ବଟକୃଷ୍ଣ ଦାସଙ୍କ ପୌରାହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ରେ ବିଶିଷ୍ଟ ଶିକ୍ଷାବିତ୍ ସେକେଣ୍ଡାରୀ ବୋର୍ଡ଼ ହ । ଇ ସ୍କୁଲ ର ଅବସରପ୍ରାପ୍ତ ଶିକ୍ଷକ ଦର୍ପଗୁଞ୍ଜନ ସାହୁ ମୁଖ୍ୟ ଅତିଥି ଓ ବିଶିଷ୍ଟ ଶିକ୍ଷାବିତ୍ ବରିଷ୍ଠ ପ୍ରଧାନ ଆଚାର୍ଯ୍ୟା ସୁଶ୍ରୀ ମଞ୍ଜୁବାଳା ମହାନ୍ତି ସମ୍ମାନୀତ ଅତିଥି ଭାବରେ ଯୋଗ



ଦେଇ ଜନ୍ମାଷ୍ଟମୀ ଉତ୍ସବ ଉପରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ସୁବାସିନୀ ସାହୁ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହକାରୀ ବରିଷ୍ଠ ଆଚାର୍ଯ୍ୟା ନିରୁପମା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ଶିଶୁ ଛାତ୍ରଛାତ୍ରୀ ସ୍ୱାଗତ ସଙ୍ଗୀତ, ଶ୍ଳୋକ ପାଠ କରିବା ସହିତ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ପରେ ପରେ ଶିଶୁ ଭାଇ ଭଉଣୀମାନଙ୍କ ମଧ୍ୟରେ କୌତୁକ ବେଶ ବିଶେଷ କରି ରାଧାକୃଷ୍ଣ ବେଶ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳରୁ ୯୮ ଜଣ ଅଂଶ ଗ୍ରହଣ କରିଥିବା ବେଳେ ୨୪ ଜଣ ବେଶରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କାର ଗ୍ରହଣ କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ବବିତା ମହାନ୍ତି, ସଂଘମିତ୍ରା ମହାନ୍ତି,ରେଶମା ଖାତୁନ, ସୁମନ ହାତୀ, ସାହୀନ ନିଶା, ଏକତା ବେହେରା, ସସ୍ମିତା ବିଶ୍ୱାଳ, ଆୟେଶା ରୋଶନ ଆଦି ସମସ୍ତ ଗୁରୁମା ଓ ଶିଶୁ ଭାରତୀ କମିଟିର ଛାତ୍ରଛାତ୍ରୀ ମାନେ କାର୍ଯ୍ୟକ୍ରମକୁ ସରସ ସୁନ୍ଦର ଭାବରେ ସମ୍ପନ୍ନ କରାଇଥିଲେ।

# ପାରାଦ୍ୱୀପରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ଟାଇମ୍ସ କ୍ରିଟିକାଲ ଥିଙ୍କିଂ ଚାମ୍ପିୟନଶିପ୍ କୃତୀ ପ୍ରତିଯୋଗୀ ସମ୍ବର୍ଦ୍ଧିତ

## ପାରାଦ୍ୱୀପର ୨୧ଟି ବିଦ୍ୟାଳୟର ୪,୦୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣ

**ପାରାଦ୍ୱୀପ,୪।୯ (ନି.ପ୍ର):** ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ), ଟାଇମ୍ସ ଫାଉଣ୍ଡେସନ୍ ସହଭାଗିତାରେ, ଏଏମ୍/ଏନ୍ଏସ୍ ଇଣ୍ଡିଆ ଟାଇମ୍ସ କ୍ରିଟିକାଲ ଥିଙ୍କିଂ ଚାମ୍ପିୟନଶିପ୍ (ଏଏମ୍/ଏନ୍ଏସ୍ ଇଣ୍ଡିଆ ଟିସିଟିସି) ୨୦୨୬ର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ସେପ୍ଟେମ୍ବର ୪, ୨୦୨୬ରେ ପାରାଦ୍ୱୀପସ୍ଥିତ ଜୟଦେବ ସଦନଠାରେ ଏକ ସମ୍ବର୍ଦ୍ଧନା ସମାରୋହ ଆୟୋଜନ କରିଥିଲା। ପାରାଦ୍ୱୀପର ବିଭିନ୍ନ ବିଦ୍ୟାଳୟରୁ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ୩୪ ଜଣ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ର ଦୃଷ୍ଟିକୋଣ ସହ ସମନ୍ୱୟ ରକ୍ଷା କରି ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାଲୋଚନାତ୍ମକ ଚିନ୍ତାଧାରା, ବିଶ୍ଳେଷଣାତ୍ମକ ଯୁକ୍ତି, ସମସ୍ୟା ସମାଧାନ ଏବଂ ନିଷ୍ପତ୍ତି ଗ୍ରହଣ ଭଳି ଦକ୍ଷତା ବିକଶିତ କରିବା ଉଦ୍ଦେଶ୍ୟରେ ଏହି ଚାମ୍ପିୟନଶିପ୍ ର ପରିକଳ୍ପନା କରାଯାଇଛି । ପାରାଦ୍ୱୀପରେ ୨୧ଟି ବିଦ୍ୟାଳୟର ୪,୦୦୦ରୁ ଅଧିକ ଛାତ୍ରଛାତ୍ରୀ ପ୍ରଥମ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ଗୋବିନ୍ଦ ଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ନିଶାନ ମଣ୍ଡଳ ରାଜ୍ୟସ୍ତରରେ ଦ୍ୱିତୀୟ ରାଉଣ୍ଡ ପାଇଁ ସଫଳତାର ସହ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମାନ୍ୟବର ରାଷ୍ଟ୍ରମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦ୍ୱୀପ ପୌରପାଳିକାର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ, ପାରାଦ୍ୱୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡାଙ୍କ ସମେତ ଏଏମ୍/ଏନ୍ଏସ୍ ଇଣ୍ଡିଆ ର ବରିଷ୍ଠ ନେତୃବୃନ୍ଦ ଯଥା ମାନବ ସମ୍ବଳ ଓ ପ୍ରଶାସନ ବିଭାଗ (ପୂର୍ବ) ମୁଖ୍ୟ ଡ. ଦେବବ୍ରତ ଦାଶ, ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ ମୁଖ୍ୟ ଭାବେଶ ଝା, ସିଏସ୍ଆର ବିଭାଗ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ, ଟାଇମ୍ସ ଫାଉଣ୍ଡେସନ୍ ଅପରେସନ୍ସ ବିଭାଗ ମୁଖ୍ୟ ଶ୍ରୀମତୀ ଆରୁଷି ମାଥୁର,




ନୂଆଗଡ଼ ସରପଞ୍ଚ ଦେବେନ୍ଦ୍ର ରାଉତ, ଏବଂ ପାରାଦ୍ୱୀପଗଡ଼ ସରପଞ୍ଚ ଶ୍ରୀମତୀ ଶସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ରହି ସମାବେଶକୁ ସମ୍ବୋଧିତ କରି ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଆଗକୁ ବଢ଼ିବାକୁ ପ୍ରେରଣା ଦେଇଥିଲେ ଏବଂ ଭବିଷ୍ୟତ ନେତୃତ୍ୱ ଗଠନରେ ଶିକ୍ଷାର ଭୂମିକା ଉପରେ ଆଲୋକପାତ କରିଥିଲେ । ସମ୍ବର୍ଦ୍ଧନା ସମାରୋହରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ନିଜ ନିଜ ଅନୁଭୂତି ପ୍ରକାଶ କରିଥିଲେ ଛ ପରେ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା। "ଏଆଇ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ ଦ୍ୱାରା ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଥିବା ଏହି ବିଶ୍ୱରେ ପିଲାମାନଙ୍କ ମଧ୍ୟରେ ଜିଜ୍ଞାସା, ସମାଲୋଚନାତ୍ମକ ଚିନ୍ତାଧାରା, ତାର୍କିକ ଚିନ୍ତାଧାରା, ସମସ୍ୟା ସମାଧାନର ଦକ୍ଷତା ଏବଂ ଶିଖିବାର ମାନସିକତା ବିକଶିତ ହେବା ଆବଶ୍ୟକ ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଥିଲେ । ଏଏମ୍/ଏନ୍ଏସ୍ ଇଣ୍ଡିଆ ଟାଇମ୍ସ କ୍ରିଟିକାଲ ଥିଙ୍କିଂ ଚାମ୍ପିୟନଶିପ୍ ? ଛାତ୍ରଛାତ୍ରୀଙ୍କ ବିକାଶର ଏହି ଭିତ୍ତିକୁ ସୁଦୃଢ଼ କରିବାରେ ସହାୟକ ହୋଇପାରିଛି । ପାରାଦ୍ୱୀପରୁ ୪,୦୦୦ରୁ ଅଧିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ସମଗ୍ର ଓଡ଼ିଶାର ୫୪ଟି ବିଦ୍ୟାଳୟରୁ ୧୧,୦୦୦ ଛାତ୍ରଛାତ୍ରୀ ମାନେ ଏହି ପ୍ରତିଯୋଗିତାରେ ଭାଗ ନେବା ଏହା ଆମ ସମସ୍ତଙ୍କ ପାଇଁ ଆନନ୍ଦ ଓ ଗର୍ବର ବିଷୟ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମ ଅଞ୍ଚଳର ପ୍ରତିଭା ଚିହ୍ନଟ କରିବା ପାଇଁ ପ୍ରୟାସ କରିଥିବାରୁ ଶ୍ରୀ ସ୍ୱାଇଁ ଏଏମ୍/ଏନ୍ଏସ୍ ଇଣ୍ଡିଆ ଏବଂ ଟାଇମ୍ସ ଫାଉଣ୍ଡେସନ କୁ ଧନ୍ୟବାଦ ଜଣାଉଛି ବୋଲି କହିଥିଲେ । ଏହି ଅବସରରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ଓଡ଼ିଶାରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସ୍ତରର ପ୍ରତିଯୋଗିତା ଅୟୋଜନ କରି ଥିବାରୁ ଏଏମ୍/ଏନ୍ଏସ୍ ଇଣ୍ଡିଆ ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ତଥା ଭାଇସ୍ ପ୍ରେସିଡେଣ୍ଟ ଆଶୁତୋଷ ତେଲାଙ୍ଗ ଅତ୍ୟନ୍ତ ଆନନ୍ଦିତ ଅନୁଭବ କରିବାସହ ପିଲା ମାନଙ୍କର ଉତ୍ତରୋତ୍ତର କାମନା କରିଥିଲେ । ଜାତୀୟସ୍ତରରେ ୧୦ ଲକ୍ଷରୁ ଅଧିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିବାରୁ ଏହାର ପ୍ରଭାବ ଇତିମଧ୍ୟରେ ବେଶ ବ୍ୟାପକ ହୋଇଛି। ଆଗାମୀ ସଂସ୍କରଣଗୁଡ଼ିକୁ ଆହୁରି ବ୍ୟାପକ କରିବା ସହ ଅଧିକ ସଂଖ୍ୟକ ଯୁବ ପ୍ରତିଭା ଯେପରି ଏହି ମଞ୍ଚରୁ ଉପକୃତ ହୋଇପାରିବେ, ସେଥିପାଇଁ ଆମେ ପ୍ରତିବଦ୍ଧ। ଜାତୀୟସ୍ତରରେ ଏହି କାର୍ଯ୍ୟକ୍ରମରେ ତୃତୀୟରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୪,୦୦୦ଟି ବିଦ୍ୟାଳୟର ୧୦ ଲକ୍ଷ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଉଛି। ସେପ୍ଟେମ୍ବର ୧୯, ୨୦୨୬ରେ ନୂଆଦିଲ୍ଲୀସ୍ଥିତ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟରେ ଗ୍ରାଣ୍ଡ ଫିନାଲେ ସହିତ ଏହି ଚାମ୍ପିୟନଶିପ୍ ?ର ସମାପନ ହେବ। ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଅସାଧାରଣ ଦକ୍ଷତା ପାଇଁ ସମ୍ମାନିତ କରାଯିବ।

